ଶ୍ରମିକର କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା।

VOL NO. - 11, ISSUE NO. - 03, DATE : 01.02.2024 - 15.02.2024 FORTNIGHTLY (ODIA), BHUBANESWAR. PAGES-08

ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର୍ ମହାନ ନେତା କମ୍ରେଡ ଲେନିନ୍‌ଙ୍କ ମୃତ୍ୟୁ ଶତବର୍ଷ ଉପଲକ୍ଷେ ରାଜ୍ୟସ୍ତରୀୟ ସମାବେଶ

ସମଗ୍ର ପୃଥିବୀର ମେହନତୀ ଶୋଷିତ ଶ୍ରମିକ କୃଷକ, ଖଟିଖିଆ ଜନଗଣ ଯାହାଙ୍କର ନାମ ଶୁଣିବା ମାତ୍ରେ ଆଜି ବି ଗଭୀର ଶ୍ରଦ୍ଧା ଓ ଆବେଗରେ ମଥାନତ କରନ୍ତି, ସେ ହେଉଛନ୍ତି କମ୍ରେଡ୍ ଲେନିନ୍। ଏହି ନାମଟି ସହତି ଜଡିତ ରହିଛି ସେମାନଙ୍କ ମୁକ୍ତିର ସ୍ୱପ୍ନ। ସମଗ୍ର ଦୁନିଆର ସମସ୍ତ ମହାପୁରୁଷମାନେ ଚାହିଁଛନ୍ତି, ଗରିବ ଲୋକର ଜୀବନ ସୁଖମୟ ହେଉ। କିନ୍ତୁ ତା' ସମ୍ଭବ ହୋଇନାହିଁ। ଯିଏ ଶୋଷିତ ମଣିଷର ମୁକ୍ତିର ପ୍ରକୃତ ପଥ ଦେଖାଇଥିଲେ, ସେହି ମହାନ ମଣିଷଟିର ନାମ କାର୍ଲ ମାର୍କ୍ସ। ସେ ହିଁ ପ୍ରଥମେ ମାନବ ଇତିହାସକୁ ବିଜ୍ଞାନ ସମ୍ମତ ପଦ୍ଧତିରେ ବିଶ୍ଳେଷଣ କରି ଦେଖାଇଥିଲେ ଯେ ସମାଜରେ ଦିନେ ଧନୀ ଗରିବ ନଥିଲେ। ପୁଣି ଦିନ ଆସିବ, ଯେଉଁଠି ଧନୀ ଗରିବ ନଥିବେ। ତାଙ୍କର ସହଯୋଦ୍ଧା ଏଙ୍ଗେଲ୍‌ସ କହିଥିଲେ ଯେ, ମାଟିର ଏହି ପୃଥିବୀରେ ହିଁ ସ୍ୱର୍ଗ ପ୍ରତିଷ୍ଠା କରିବା ସମ୍ଭବ। ଆଉ ସେହି ସ୍ୱର୍ଗ ପ୍ରତିଷ୍ଠା କରିବେ ସମାଜର ସବୁଠାରୁ ଅବହେଳିତ ଅଥଚ ଅଗ୍ରଗାମୀ ଶ୍ରେଣୀ ଶ୍ରମିକ ଖଟିଖିଆ ମଣିଷ। ଏହି କଥାଟି ମଧ୍ୟରେ ରହିଛି ଏକ ବିଜ୍ଞାନ ସମ୍ମତ ଚିନ୍ତା ଓ ସ୍ୱପ୍ନ। କାହା ଭିତ୍ତିରେ ସେ ଏକଥା କହିଥିଲେ ? ଏହି କଥା ଏକ ଉଦ୍‌ଭଟ କଳ୍ପନା ବା ଅନ୍ଧବିଶ୍ୱାସ ନଥିଲା। ମାନବ ସଭ୍ୟତା କିଭଳି ସେହି ଆଦିମ ଅବସ୍ଥାରୁ ଦାସ ପ୍ରଥା, ରାଜତନ୍ତ୍ର ଓ ତା'ପରେ ମାଲିକ-ଶ୍ରମିକ ସଂପର୍କର ଭିତ୍ତିରେ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାକୁ ପରିବର୍ତ୍ତିତ ହୋଇଛି ଏହା ପଛରେ ଥିବା ନିୟମକୁ ଆବିଷ୍କାର କରିଥିଲେ ମାର୍କ୍ସ। ସେହି ବୈଜ୍ଞାନିକ ନିୟମକୁ ଭିତ୍ତିକରି ହିଁ ଏଙ୍ଗେଲ୍ସ କହିପାରିଥିଲେ, ପୁଞ୍ଜିବାଦୀ ସମାଜର ପରିବର୍ତ୍ତନ କରାଯାଇପାରିବ ଓ ଏହି ମାଟିର ପୃଥିବୀରେ ସ୍ୱର୍ଗ ପ୍ରତିଷ୍ଠିତ ହେବ। ମାର୍କ୍ସ ଓ ଏଙ୍ଗେଲ୍ସ ଶ୍ରମିକ, କୃଷକ, ଖଟିଖିଆ ମଣିଷଙ୍କର ଅବର୍ଣ୍ଣନୀୟ ଦୁଃଖ ଦୁର୍ଦ୍ଦଶା ଦେଖି ଖୁବ୍ ବ୍ୟଥିତ ହେଉଥିଲେ। ସେମାନଙ୍କ ମନକୁ ସେହି ପ୍ରଶ୍ନ ଖୁବ ଆନ୍ଦୋଳିତ କରୁଥିଲା - 'ଏହି ସଭ୍ୟତାକୁ କିଏ ଗଢିଛି ? କେଉଁମାନେ ଏହି ସଂପଦର ନିର୍ମାତା ? କାହାଦ୍ୱାରା ଏହି ଅମାପ ସଂପତ୍ତିର ସୃଷ୍ଟି ? ଟଙ୍କା ଦ୍ୱାରା ଏସବୁ ସମ୍ଭବ ନୁହେଁ। ଦିନେ ତ ଟଙ୍କା ନଥିଲା ! ଶ୍ରମଦ୍ୱାରା ହିଁ ଏସବୁର ସୃଷ୍ଟି।' ମାର୍କ୍ସ ଏଙ୍ଗେଲ୍ସଙ୍କ ପୂର୍ବରୁ ବି କିଛି ମହାପୁରୁଷ ଏକଥା କହିଥିଲେ। ମାତ୍ର ଆହୁରି ସ୍ପଷ୍ଟଭାବେ ସେମାନେ କହିଲେ, ସମାଜର ସମସ୍ତ ସୃଷ୍ଟି ଶ୍ରମର ଫସଲ। ସମସ୍ତ ବ୍ୟବହାରିକ ଜିନିଷରୁ ଆରମ୍ଭକରି ସଂଗୀତ, ନାଟକ, ଶିଳ୍ପ, ସ୍ନେହ ମମତା ସମସ୍ତ କିଛିକୁ ସୃଷ୍ଟି କରିଛି ମଣିଷର ଶ୍ରମ, ଜୀବନ୍ତ ଶ୍ରମ। ଅଥଚ ଯେଉଁମାନେ ସବୁକିଛି ସୃଷ୍ଟି କରୁଛନ୍ତି, ସେମାନଙ୍କର ଏ ସମାଜରେ ସ୍ଥାନ ନାହିଁ। ମାର୍କ୍ସ ଦର୍ଶାଇଲେ ଶ୍ରମର ଚରିତ୍ର ସାମାଜିକ। ସମସ୍ତଙ୍କ ସମ୍ମିଳିତ ଶ୍ରମରୁ ସଂପତ୍ତିର ସୃଷ୍ଟି, ଅର୍ଥାତ୍ ଉତ୍ପାଦନ ସାମାଜିକ, କିନ୍ତୁ ମାଲିକାନା ବ୍ୟକ୍ତିଗତ। ମୁଷ୍ଟିମେୟ କେତେଜଣ ସମସ୍ତ ସଂପଦର ମାଲିକ। ପୁଣି ଉତ୍ପାଦନର ଉଦ୍ଦେଶ୍ୟ ହେଲା ଶ୍ରମିକକୁ ଶୋଷଣ କରି, ତାକୁ ତା'ର ଶ୍ରମର ମୂଲ୍ୟରୁ ବଂଚିତ କରି ଲାଭ ଅର୍ଜିବା। ଏହି ଅନ୍ୟାୟ ବ୍ୟବସ୍ଥାକୁ ରକ୍ଷା କରୁଛି ରାଷ୍ଟ୍ର। ପୁଞ୍ଜିପତି ଶ୍ରେଣୀ ହାତରେ ଦମନର ଏକ ସଶସ୍ତ୍ର ଶକ୍ତି। ମାର୍କ୍ସ, ଏଙ୍ଗେଲ୍ସ କହିଥିଲେ, ଏହି ଅନ୍ୟାୟ ବ୍ୟବସ୍ଥାକୁ ସମୂଳେ ପରିବର୍ତ୍ତନ କରିବାକୁ ହେବ। ସମସ୍ତ ଶ୍ରମଜୀବୀ ମଣିଷ ସମସ୍ତ ସମ୍ପଦର ମାଲିକ ହେବେ। ସାମାଜିକ ଉତ୍ପାଦନ ଉପରେ ସାମାଜିକ ମାଲିକାନା ପ୍ରତିଷ୍ଠା କରିବାକୁ ହେବ। ତେଣୁ ସମସ୍ତ ଶ୍ରମଜୀବୀ ମଣିଷଙ୍କୁ ଏକଜୁଟ ହୋଇ ଏହି ରାଷ୍ଟ୍ରଯନ୍ତ୍ରକୁ ଭାଙ୍ଗି ଚୁରମାର କରିବାକୁ ହେବ। ତେବେ ଯାଇ ଖଟିଖିଆ ମଣିଷର ଆଖିରୁ ଲୁହ ଶୁଖିବ। ତେବେ ଏହା କଣ ସମ୍ଭବ ? ଭୋକ ଉପାସରେ ରହୁଥିବା, ପାଠ ଶାଠ ଜାଣିନଥିବା ଏହି ଶ୍ରମିକ କୃଷକମାନେ କ'ଣ କଦାପି ଏହା କରିପାରିବେ ? ଏମାନେ କ'ଣ ଦେଶ ଚଳାଇପାରିବେ ? ଯାହାଙ୍କର ମୃତ୍ୟୁବାର୍ଷିକୀ ଆଜି ଆମେ ପାଳନ କରୁଛୁ, ସେହି ମହାନ ଲେନିନ୍ ମାର୍କ୍ସଙ୍କ ଯୋଗ୍ୟ ଉତ୍ତରସୂରୀ ବିଶ୍ୱବାସୀଙ୍କୁ ଦେଖାଇଦେଲେ, ହଁ ଏହା ସମ୍ଭବ। ଏହି ଦରିଦ୍ର ଶ୍ରମିକ-କୃଷକମାନେ ହିଁ ପୁଞ୍ଜିପତି ଶ୍ରେଣୀର ଏତେବଡ ଏକ ଶକ୍ତିଶାଳୀ ରାଷ୍ଟ୍ରକୁ ଭାଙ୍ଗି ଚୁରମାର କରିଦେଇପାରନ୍ତି। ନୂତନ ସମାଜ ଗଢିତୋଳି ପାରନ୍ତି। ମାର୍କ୍ସ ଏଙ୍ଗେଲ୍‌ସଙ୍କ ସ୍ୱପ୍ନ, ଦରିଦ୍ର କୃଷକ-ଶ୍ରମିକଙ୍କ ସ୍ୱପ୍ନ, ମାଟିର ଏହି ପୃଥିବୀରେ ଏହିମାନେ ହିଁ ସ୍ୱର୍ଗ ଗଢି ଦେଇଗଲେ। ବିଶ୍ୱ ବୁକୁରେ ପ୍ରଥମ ସମାଜତାନ୍ତ୍ରିକ ବିପ୍ଳବର ରୂପକାର, ଶୋଷଣହୀନ ସମାଜତାନ୍ତ୍ରିକ ସୋଭିଏତ୍ ଋଷର ନିର୍ମାତା, ସର୍ବହରା ଶ୍ରେଣୀର ମହାନ ନେତା, ଶିକ୍ଷକ କମ୍ରେଡ ଲେନିନ୍‌ଙ୍କ ନାମ ଅତ୍ୟନ୍ତ ଶ୍ରଦ୍ଧା ଓ ଆବେଗର ଏକ ନାମ। ଯେଉଁମାନେ ଏପରିକି କମ୍ୟୁନିଷ୍ଟ ବି ନୁହଁନ୍ତି, ସେମାନେ ମଧ୍ୟ କମ୍ରେଡ ଲେନିନ୍‌ଙ୍କୁ ଗଭୀର ଶ୍ରଦ୍ଧା କରୁଥିଲେ। ମନିଷୀ ରୋମାଁ ରୋଲାଁ କହିଛନ୍ତି, 'ସର୍ବହରା ଶ୍ରେଣୀର ମୁକ୍ତିର ଦିଶାରୀ ହେଉଛନ୍ତି କମ୍ରେଡ୍ ଲେନିନ୍। ଲେନିନଙ୍କର ବ୍ୟକ୍ତିଗତ ବୋଲି କିଛି ନଥିଲା।' ବୈଜ୍ଞାନିକ ଆଇନଷ୍ଟାଇନ କହିଛନ୍ତି, 'ମୁଁ ଯେ ଲେନିନଙ୍କ ସମସ୍ତ କଥାକୁ ସମର୍ଥନ କରେ ତା'ନୁହେଁ, ମାତ୍ର ଲେନିନ ନାମଟିର ଅର୍ଥ ହେଲା, ଅବିଭାବକ, ଆମ୍ଭମାନଙ୍କର ବିବେକର ଅବିଭାବକ।' ଆମ ଦେଶର ସୁଭାଷ ଚନ୍ଦ୍ର ବୋଷ, ଭଗତ ସିଂ ଏପରିକି ବିପ୍ଳବପନ୍ଥାର ବିରୋଧି ଗାନ୍ଧୀଜୀଙ୍କଠାରୁ ଆରମ୍ଭ କରି ରବିନ୍ଦ୍ରନାଥ ସମସ୍ତେ ହିଁ ଗଭୀର ଶ୍ରଦ୍ଧା ସହକାରେ ମହାନ ଲେନିନଙ୍କୁ ସ୍ମରଣ କରିଛନ୍ତି.....।'

ବିଶ୍ୱ ବୁକୁରେ ପ୍ରଥମ ଶୋଷଣହୀନ ସମାଜ ସମାଜତାନ୍ତ୍ରିକ ଋଷିଆର ପ୍ରତିଷ୍ଠାତା, ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ମହାନ ନେତା କମ୍ରେଡ ଲେନିନଙ୍କ ମୃତ୍ୟୁ ବାର୍ଷିକୀ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିବା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର କେନ୍ଦ୍ରୀୟ କମିଟି ପଲିଟିବ୍ୟୁରୋର ସଦସ୍ୟ କମ୍ରେଡ୍ ଚଣ୍ଡୀଦାସ ଭଟ୍ଟାଚାର୍ଯ୍ୟଙ୍କ ଦୀକ୍ଷାନ୍ତ ବକ୍ତବ୍ୟର ଏହାଥିଲା ସଂକ୍ଷିପ୍ତାଂଶ। ମହାନ ଲେନିନଙ୍କ ସୁଯୋଗ୍ୟ ଛାତ୍ର ଏ ଯୁଗର ଅନ୍ୟତମ ମହାନ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ ଶିବଦାସ ଘୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ବିକଶିତ ଏକମାତ୍ର ବିପ୍ଳବୀ ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ମର୍ଯ୍ୟାଦାର ସହ ଦେଶବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟଦେଇ ଏହି ଶତବର୍ଷ ପାଳିତ ହୋଇଛି। ଜିଲ୍ଲା ଓ ଆଂଚଳିକ ସ୍ତରରେ ସଭା ଓ ପାଠଚକ୍ର, ଲେନିନଙ୍କ ମୂଲ୍ୟବାନ ଉଦ୍ଧୃତି ପ୍ରଦର୍ଶନୀ, ତାଙ୍କ ଉପରେ ରଚିତ ପୁସ୍ତକ ବିକ୍ରି ଆଦି କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଜାନୁୟାରୀ ୧୭ତାରିଖ ଦିନ ଭୁବନେଶ୍ୱରର କସ୍ତୁରବା ନାରୀ ମହଲରେ ପାର୍ଟି ରାଜ୍ୟ କମିଟି ଉଦ୍ୟୋଗରେ ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଥିଲା। ପାର୍ଟିର ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ବିଷ୍ଣୁଦାସ ସଭାରେ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରୀୟ କମିଟି ସଦସ୍ୟ ତଥା ପାର୍ଟି ରାଜ୍ୟ ସଂପାଦକ କମ୍ରେଡ ଶଙ୍କର ଦାସଗୁପ୍ତ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ନେତୃମଣ୍ଡଳୀଙ୍କ ତରଫରୁ କମ୍ରେଡ ଲେନିନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା ଓ ତାଙ୍କ ଉପରେ ରଚିତ ସଂଗୀତ ପରିବେଷଣ କରାଯାଇଥିଲା। ଆନ୍ତର୍ଜାତିକ ସଂଗୀତ ଗାନ ପରେ ସଭା ସାଙ୍ଗ ହୋଇଥିଲା। ଏହି ଉପଲକ୍ଷେ ମହାନ ଲେନିନ୍‌ଙ୍କ ମୂଲ୍ୟବାନ ଉଦ୍ଧୃତିକୁ ନେଇ ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା।

★★★

ବିଶ୍ୱବ୍ୟାପୀ ଶ୍ରମଜୀବୀ ଜନସାଧାରଣଙ୍କ ଦୁର୍ବାର ଆନ୍ଦୋଳନ

ପୁଞ୍ଜିବାଦ ଯେତେ ସଂକଟଗ୍ରସ୍ତ ହେଉଛି, ପୁଞ୍ଜିପତି ଶ୍ରେଣୀ ସେହି ସଂକଟର ବୋଝକୁ ସେତେବେଶୀ ସାଧାରଣ ଲୋକଙ୍କ ମୁଣ୍ଡରେ ଲଦି ଦେଉଛି। ସେଥିପାଇଁ ବିଶ୍ୱବ୍ୟାପୀ ସାଧାରଣ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଏହା ଫଳରେ ସ୍ୱାଭାବିକ ଭାବରେ ଜନସାଧାରଣଙ୍କ ମଧ୍ୟରେ କ୍ଷୋଭ ବଢିଚାଲିଛି ଏବଂ ସେହି କ୍ଷୋଭ ସର୍ବତ୍ର ବିକ୍ଷୋଭ ରୂପରେ ଫାଟିପଡୁଛି। ତଥାକଥିତ ଉନ୍ନତ ଦେଶଗୁଡିକ ମଧ୍ୟ ଏଥିରୁ ବାଦ ପଡୁନାହିଁ। ବିଶ୍ୱବ୍ୟାପୀ ଏହି ଧରଣର ଅସଂଖ୍ୟ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

ଭିତର ପୃଷ୍ଠାରେ

- ରାଷ୍ଟ୍ର ଓ ବିପ୍ଳବ
- ଓଡିଶା ମତ୍ସ୍ୟଚାଷ
- ବିଜେପିର ଧର୍ଷଣ ହତ୍ୟାକାରୀମାନଙ୍କ ସପକ୍ଷରେ ଠିଆ ହେବା ନିନ୍ଦନୀୟ
- ଦେଶରେ ଶିକ୍ଷାର ଉଦ୍‌ବେଗଜନକ ଚିତ୍ର
- ଭାରତର ଧନୀ-ଦରିଦ୍ର ମଧ୍ୟରେ ବୈଷମ୍ୟ ଦ୍ରୁତ ବୃଦ୍ଧି ପାଉଛି

କାହାଦ୍ୱାରା ଧ୍ୱସପ୍ରାପ୍ତ ରାଷ୍ଟ୍ରର ସ୍ଥାନ ପୂରଣ ହେବ ?

ରାଷ୍ଟ୍ର ଓ ବିପ୍ଳବ

(ଚଳିତ ବର୍ଷ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ମହାନ ନେତା, ରଷ ବିପ୍ଳବର ରୂପକାର କମ୍ରେଡ୍ ଲେନିନ୍‌ଙ୍କ ମୃତ୍ୟୁ ଶତବର୍ଷ। ସେହି ଉପଲକ୍ଷେ ବର୍ଷବ୍ୟାପୀ ଆମର ପ୍ରିୟ ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଗ୍ରହଣ କରାଯାଉଥିବା ନାନାବିଧ କାର୍ଯ୍ୟକ୍ରମର ଅଂଶ ବିଶେଷ ଭାବରେ ତାଙ୍କ ଦ୍ୱାରା ରଚିତ ପ୍ରଖ୍ୟାତ ପୁସ୍ତକ ରାଷ୍ଟ୍ର ଓ ବିପ୍ଳବ(State and Revolution)ର ଅଂଶ ବିଶେଷ ଧାରାବାହିକ ଭାବରେ ସର୍ବହରା କ୍ରାନ୍ତିରେ ପ୍ରକାଶ କରାଯାଇଛି। ଚଳିତ ସଂଖ୍ୟାରେ ଏହାର ୭ମ ଭାଗ ପ୍ରକାଶିତ ହେଉଛି। ଅନୁବାଦ ଜନିତ ସମସ୍ତ ତ୍ରୁଟି ଓ ସୀମାବଦ୍ଧତା ପାଇଁ ଆମେ ସଂପୂର୍ଣ୍ଣ ଦାୟୀ।

- ସଂପାଦକ, ସର୍ବହରା କ୍ରାନ୍ତି)

୧୯୪୮ ମସିହାରେ ରଚିତ 'କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାର' ପୁସ୍ତିକାରେ ମାର୍କ୍ସ ଉପରୋକ୍ତ ପ୍ରଶ୍ନର ଗୋଟିଏ ସଂପୂର୍ଣ୍ଣ ବିମୂର୍ତ୍ତ ଉତ୍ତର ଦେଇଥିଲେ। ବା ଆହୁରି ସଠିକ୍ ଭାବରେ କହିବାକୁ ଗଲେ ମାର୍କ୍ସ ତାଙ୍କର ଏହି ଉତ୍ତରରେ କର୍ତ୍ତବ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ମାତ୍ର ତାହା କିଭଳି ଭାବରେ ସଂପନ୍ନ କରାଯିବ ସେ ବିଷୟରେ କୌଣସି କଥା କହିନାହାନ୍ତି। କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାରରେ ଯେଉଁ ଉତ୍ତର ଦିଆହୋଇଛି ତା ହେଲା, ଗଣତନ୍ତ୍ରର ସଂଗ୍ରାମରେ ଜୟୀ ହେବା ମଧ୍ୟ ଦେଇ ଶାସକ ଶ୍ରେଣୀ ହିସାବରେ ସଂଗଠିତ ସର୍ବହରା ଶ୍ରେଣୀ ଦ୍ୱାରା ଏହି ରାଷ୍ଟ୍ର ଯନ୍ତ୍ରର ସ୍ଥାନ ପୂରଣ ହେବ।

କଳ୍ପନାବିଳାସକୁ ପ୍ରଶ୍ରୟ ନଦେଇ ମାର୍କ୍ସ ଆଶା କରୁଥିଲେ ଯେ, ଶାସକ ଶ୍ରେଣୀ ହିସାବରେ ସର୍ବହରାର ସଂଗଠନ କି ରୂପ ଧାରଣ କରିବ ଏବଂ "ଗଣତନ୍ତ୍ରର ଯୁଦ୍ଧ ଜୟ" ସହିତ ଏହି ସଂଗଠନର ସର୍ବାଧିକ ପରିପୂର୍ଣ୍ଣ ଓ ସାମଞ୍ଜସ୍ୟପୂର୍ଣ୍ଣ ସଂଯୋଗ କିଭଳି ଭାବରେ ସାଧିତ ହେବ, ସେହି ପ୍ରଶ୍ନର ଉତ୍ତର ଗଣଆନ୍ଦୋଳନର ଅଭିଜ୍ଞତାରୁ ହିଁ ମିଳିବ।

ପ୍ୟାରୀ କମ୍ୟୁନର ଅଭିଜ୍ଞତା ଯେତେ ସ୍ୱଳ୍ପ ହେଲେ ମଧ୍ୟ, ମାର୍କ୍ସ ସେହି ଅଭିଜ୍ଞତାକୁ ଅତ୍ୟନ୍ତ ଯତ୍ନ ସହକାରେ ତାଙ୍କ ଦ୍ୱାରା ରଚିତ 'ଦି ସିଭିଲ୍ ୱାର ଇନ୍ ଫ୍ରାନ୍ସ' ଗ୍ରନ୍ଥରେ ବିଶ୍ଳେଷଣ କରିଛନ୍ତି। ସେହି ଗ୍ରନ୍ଥର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅନୁଚ୍ଛେଦର ଉଦ୍ଧୃତି ଏଠାରେ ଦିଆଯାଇଛି।

ମାର୍କ୍ସ ଲେଖିଛନ୍ତି, "ମଧ୍ୟଯୁଗରେ ସୃଷ୍ଟି ହୋଇ ଉନବିଂଶ ଶତାବ୍ଦୀରେ କେନ୍ଦ୍ରୀଭୂତ ରାଷ୍ଟ୍ରଶକ୍ତି ବିକଶିତ ହୋଇଛି। ଗଠିତ ହୋଇଛି ସ୍ଥାୟୀ ସେନାବାହିନୀ, ପୁଲିସ୍, ଅମଲାତନ୍ତ୍ର, ଯାଜକତନ୍ତ୍ର ଏବଂ ବିଚାର ବିଭାଗ ସହିତ ଏହାର ସର୍ବବ୍ୟାପକ ଯନ୍ତ୍ର ସମୂହ। ପୁଞ୍ଜି ଓ ଶ୍ରମ ମଧ୍ୟରେ ଶ୍ରେଣୀବିରୋଧ ଯେତେ ବୃଦ୍ଧି ପାଉଥାଏ, ଶ୍ରେଣୀ ଶାସନର ହତିଆର ହିସାବରେ ଶ୍ରମିକ ଶ୍ରେଣୀକୁ ଦମନ କରିବା ପାଇଁ ରାଷ୍ଟ୍ରଶକ୍ତି ସେତେ ହିଁ ପୁଞ୍ଜିର ଗୋଟିଏ ଜାତୀୟ ଶକ୍ତିର ଆକାର ଧାରଣ କରୁଥାଏ। ରାଷ୍ଟ୍ର ପରିଣତ ହେଉଥାଏ, ସମାଜକୁ ଦାସତ୍ୱର ବନ୍ଧନରେ ଆବଦ୍ଧ କରିବାର ଗୋଟିଏ ସେନାବାହିନୀ ଓ ଶାସକ ଶ୍ରେଣୀର ସୌରାଚାରୀ ଶାସନର ଚାଳିକା ଶକ୍ତିରେ। ପ୍ରତିଟି ବିପ୍ଳବ ହିଁ ଶ୍ରେଣୀ ସଂଗ୍ରାମର ଅଗ୍ରଗତିର ପର୍ଯ୍ୟାୟର ସୂଚୀତ କରେ। କିନ୍ତୁ ଏହି ବିପ୍ଳବକୁ ଗର୍ଭରୁ ସୃଷ୍ଟ ରାଷ୍ଟ୍ର ଏହାର ଦମନମୂଳକ ଚରିତ୍ରକୁ ସ୍ୱଷ୍ଟରୁ ସ୍ୱଷ୍ଟତର କରି ଦେଉଥାଏ। ୧୮୪୮-୪୯ ମସିହାର ବିପ୍ଳବ ପରେ ରାଷ୍ଟ୍ରଶକ୍ତି ଶ୍ରମ ବିରୁଦ୍ଧରେ ପୁଞ୍ଜିର ଲଢେଇର ଗୋଟିଏ ଜାତୀୟ ଯୁଦ୍ଧବାହିନୀରେ ପରିଣତ ହୋଇଥିଲା। ଦ୍ୱିତୀୟ ସାମ୍ରାଜ୍ୟ ଏହାକୁ ଆହୁରି ସଂହତ କରିଥିଲା।"

"କମ୍ୟୁନ ଥିଲା ଏହି ସାମ୍ରାଜ୍ୟର ପୁରାପୁରି ବିପରୀତ। କମ୍ୟୁନ ଏଭଳି ଏକ ପ୍ରଜାତନ୍ତ୍ରର ସୁନିର୍ଦ୍ଦିଷ୍ଟ ରୂପ ଥିଲା ଯାହା ଶ୍ରେଣୀ ଶାସନର ରାଜତାନ୍ତ୍ରିକ ରୂପକୁ ହିଁ କେବଳ ଖତମ କରିଦେଇ ପାରିନଥାନ୍ତା, ସମସ୍ତ ପ୍ରକାରର ଶ୍ରେଣୀ ଶାସନକୁହିଁ ଧ୍ୱଂସ କରି ଦେଇ ପାରିଥାନ୍ତା।"

ସର୍ବହରା ସମାଜତାନ୍ତ୍ରିକ ପ୍ରଜାତନ୍ତ୍ରର 'ସୁନିର୍ଦ୍ଦିଷ୍ଟ' ରୂପଟି କ'ଣ ? ଏହା କି ଧରଣର ରାଷ୍ଟ୍ର ସୃଷ୍ଟି କରିବା ଆରମ୍ଭ କରିଥିଲା ?

"XXX କମ୍ୟୁନର ପ୍ରଥମ ନିର୍ଦ୍ଦେଶ ଥିଲା ସ୍ଥାୟୀ ସେନାବାହିନୀକୁ ଦମନ କରିବା ଏବଂ ସଶସ୍ତ୍ର ଜନସାଧାରଣଙ୍କର ଶକ୍ତିଦ୍ୱାରା ଏହାକୁ ପ୍ରତିସ୍ଥାପିତ କରିବା।"

ନିଜକୁ ସମାଜତନ୍ତ୍ରୀ ବୋଲି ଦାବି କରୁଥିବା ପ୍ରତ୍ୟେକ ପାର୍ଟିର କର୍ମସୂଚୀରେ ହିଁ ଆଜିକାଲି ଏହି ଦାବିଟି ଦେଖିବାକୁ ମିଳେ। କିନ୍ତୁ ସୋସାଲିଷ୍ଟ ରିଭଲ୍ୟୁସନାରୀ ଓ ମେନ୍‌ସେଭିକ ମାନଙ୍କର କର୍ମସୂଚୀର ଯଥାର୍ଥ ଚରିତ୍ର ଆମେ ସେତେବେଳେ ହିଁ ବୁଝିପାରିବୁ, ଯେତେବେଳେ ଆମେ ଦେଖିବୁ ୨୧ ଫେବୃୟାରୀ ବିପ୍ଳବର ଠିକ୍ ପରେ ପରେ ହିଁ ସେମାନେ ପ୍ରକୃତ ପକ୍ଷରେ ଏହି ଦାବିଟିକୁ ବାସ୍ତବାୟିତ କରିବାକୁ ଅସ୍ୱୀକାର କଲେ।

"ମ୍ୟୁନିସିପାଲ୍ଟିର କାଉନସିଲରମାନଙ୍କୁ ନେଇ କମ୍ୟୁନ ଗଠିତ ହୋଇଥିଲା। ଏହି କାଉନ୍‌ସିଲରମାନେ ପ୍ୟାରିସ ସହରର ବିଭିନ୍ନ ୱାର୍ଡର ଜନସାଧାରଣଙ୍କର ସାର୍ବଜନୀନ ଭୋଟ ଅଧିକାର ଭିତ୍ତିରେ ନିର୍ବାଚିତ ହୋଇଥିଲେ। ସେମାନେ ନିର୍ବାଚିତକାରୀମାନଙ୍କ ନିକଟରେ ଦାୟବଦ୍ଧଥିଲେ ଏବଂ ଏମାନଙ୍କୁ ଯେକୌଣସି ମୁହୂର୍ତ୍ତରେ ଦାୟିତ୍ୱରୁ ଅପସାରିତ କରାଯାଇପାରୁଥିଲା। ସ୍ୱାଭାବିକ ଭାବରେ ହିଁ ଏହି ସଦସ୍ୟମାନଙ୍କ ମଧ୍ୟରୁ ଅଧିକାଂଶ ହ ଥିଲେ ଶ୍ରମିକ ଅଥବା ଶ୍ରମିକ ଶ୍ରେଣୀର ନିର୍ବାଚିତ ପ୍ରତିନିଧି। XXX ସରକାରର ଯନ୍ତ୍ର ହିସାବରେ କାମ କରିବା ପରିବର୍ତ୍ତେ ତତ୍‌କ୍ଷଣାତ୍ ପୁଲିସର ରାଜନୈତିକ ପରିଚୟ ବାତିଲ କରିଦିଆଯାଇଥିଲା। ଏହିଭଳି ଭାବରେ ପୁଲିସ୍‌କୁ କମ୍ୟୁନ ପ୍ରତି ଦାୟବଦ୍ଧ ଓ ଯେକୌଣସି ସମୟରେ ପଦରୁ ହଟାଇ ଦିଆଯାଇପାରିବ, ଏଭଳି କର୍ମଚାରୀରେ ପରିଣତ କରାଯାଇଥିଲା। ପ୍ରଶାସନର ଅନ୍ୟାନ୍ୟ ବିଭାଗର କର୍ମଚାରୀମାନଙ୍କ କ୍ଷେତ୍ରରେ ମଧ୍ୟ ଏକା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କମ୍ୟୁନର ସଦସ୍ୟଠାରୁ ଆରମ୍ଭ କରି ସବୁଠାରୁ ତଳସ୍ତର ପର୍ଯ୍ୟନ୍ତ ସରକାରୀ କାମରେ ନିଯୁକ୍ତ ପ୍ରତ୍ୟେକ କର୍ମୀଙ୍କୁ 'ଶ୍ରମିକର ମଜୁରୀ' ନେଇ କାମ କରିବାକୁ ହେଉଥିଲା। ରାଷ୍ଟ୍ରର ବିଶିଷ୍ଟ ଉଚ୍ଚ ପଦାଧିକାରୀମାନଙ୍କୁ ବିଲୋପ କରିବା ସଙ୍ଗେ ସଙ୍ଗେ ହିଁ ସେମାନଙ୍କର ବିଶେଷ ଅଧିକାର ଓ ବିଶେଷ ମର୍ଯ୍ୟାଦା ବିଲୋପ କରାହୋଇଥିଲା।"

XXX ପୁରୁଣା ସରକାରର ଦମନ ଯନ୍ତ୍ର ସ୍ଥାୟୀ ସେନାବାହିନୀ ଓ ପୁଲିସ ହାତରୁ ମୁକ୍ତି ପାଇବା ଫଳରେ କମ୍ୟୁନ ଆଧ୍ୟାତ୍ମିକ ଦମନ ଶକ୍ତି, ଯାଚକତନ୍ତ୍ରକୁ ଭାଙ୍ଗିବା କାମରେ ଆତ୍ମନିୟୋଗ କରିଥିଲା। ବିଚାର ବିଭାଗର କର୍ତ୍ତାମାନେ ସେମାନଙ୍କର ନକଲି ସ୍ୱାଧିନତା ହରାଇଥିଲେ। XXXX ସେମାନଙ୍କର ନିର୍ବାଚିତ ହେବା, କମ୍ୟୁନ ପ୍ରତି ଦାୟବଦ୍ଧ ରହିବା ଏବଂ ଯେକୌଣସି ସମୟରେ ସେମାନଙ୍କୁ ଫେରାଇ ଅଣାଯାଇପାରିବାର ବ୍ୟବସ୍ଥା କରାଯାଇଥିଲା।

ଏହିଭଳି ଭାବରେ ସ୍ଥାୟୀ ସେନାବାହିନୀର ଅବଲୁପ୍ତି ଘଟାଇ, ସମସ୍ତ ସରକାରି କର୍ମଚାରୀଙ୍କୁ ନିର୍ବାଚିତ ହେବା ଏବଂ ସେମାନଙ୍କୁ ଅପସାରିତ କରିବା ବ୍ୟବସ୍ଥା ଚାଲୁ କରି କମ୍ୟୁନ ଧ୍ୱଂସପ୍ରାପ୍ତ ରାଷ୍ଟ୍ରଯନ୍ତ୍ରଟିର ପରିବର୍ତ୍ତେ 'କେବଳମାତ୍ର' ପୂର୍ଣ୍ଣତର ଗଣତନ୍ତ୍ର ପ୍ରତିଷ୍ଠା କରିଥିଲା। ଯଦିଓ ବାସ୍ତବରେ, ଏହି 'କେବଳ ମାତ୍ର' କଥାଟିର ତାତ୍ପର୍ଯ୍ୟ କୌଣସି ଗୋଟିଏ ପ୍ରତିଷ୍ଠାନକୁ ମୌଳିକ ଭାବରେ ଅଲଗା ଏକ ପ୍ରତିଷ୍ଠାନ ଦ୍ୱାରା ସଂପୂର୍ଣ୍ଣ ଭାବରେ ପ୍ରତିସ୍ଥାପିତ କରିବା।

'ପରିମାଣଗତ ପରିବର୍ତ୍ତନକୁ ଗୁଣଗତ ପରିବର୍ତ୍ତନରେ ରୂପାନ୍ତରିତ କରିବାର ଏହା ହେଲା ଏକ ଆଦର୍ଶ ଉଦାହରଣ। ଯେତେଟା ଉପଲବ୍ଧି କରାଯାଏ, ଏହା ହେଉଛି ଗଣତନ୍ତ୍ରର ପୂର୍ଣ୍ଣତର ସୁସଞ୍ଜମ ରୂପ। ଏଠାରେ ବୁର୍ଜୁଆ ଗଣତନ୍ତ୍ର ସର୍ବହରା ଗଣତନ୍ତ୍ରରେ ରୂପାନ୍ତରିତ ହୁଏ, ରାଷ୍ଟ୍ର(ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀକୁ ଦମନର ବିଶେଷ ଶକ୍ତି) ଏଭଳି କିଛିରେ ରୂପାନ୍ତରିତ ହୁଏ ଯାହା ପ୍ରଚଳିତ ଅର୍ଥରେ ଆଉ ରାଷ୍ଟ୍ର ନୁହେଁ।'

ବୁର୍ଜୁଆମାନଙ୍କୁ ଦମନ କରିବା ଏବଂ ସେମାନଙ୍କର ପ୍ରତିରୋଧକୁ ଚୂର୍ଣ୍ଣ କରିବା ବର୍ତ୍ତମାନ ମଧ୍ୟ ପ୍ରୟୋଜନ। କମ୍ୟୁନ ପାଇଁ ବିଶେଷକରି ଏହାର ପ୍ରୟୋଜନ ଥିଲା ଏବଂ କମ୍ୟୁନର ପରାଜୟର ଅନ୍ୟତମ କାରଣ ହେଉଛି ବୁର୍ଜୁଆମାନଙ୍କୁ ଦମନ କାମଟା ସେମାନେ ଯଥେଷ୍ଟ ଦୃଢତାର ସହିତ କରିନଥିଲେ। ଏହା ପୂର୍ବରୁ ଦାସ ବ୍ୟବସ୍ଥାରେ, ସାମନ୍ତତନ୍ତ୍ରରେ ଓ ମଜୁରୀ ଦାସତ୍ୱ ସମୟରେ ସଂଖ୍ୟାଲଘୁମାନେ ହିଁ ଦମନର ଯନ୍ତ୍ର ହିସାବରେ କାମ କରିଛନ୍ତି। କିନ୍ତୁ ବର୍ତ୍ତମାନ ସଂଖ୍ୟାଲଘୁମାନେ ନୁହଁନ୍ତି, ଦମନର ଯନ୍ତ୍ର ହିସାବରେ କାମ କରୁଛି ଜନସାଧାରଣଙ୍କର ସଂଖ୍ୟାଗରିଷ୍ଠ ଅଂଶ। ଯେହେତୁ ଜନସାଧାରଣଙ୍କର ସଂଖ୍ୟାଗରିଷ୍ଠ ଅଂଶ ନିଜେହିଁ ସେମାନଙ୍କର ନିପିଡକମାନଙ୍କୁ ଦମନ କରୁଛନ୍ତି, ସେଥିପାଇଁ ଦମନ ପାଇଁ 'ବିଶେଷ ବାହିନୀ'ର ଆଉ କୌଣସି ପ୍ରୟୋଜନ ରହୁନାହିଁ। ଏହି ଅର୍ଥରେ ରାଷ୍ଟ୍ର ବିଲୁପ୍ତ ହେବା ଆରମ୍ଭ କରେ। ସୁବିଧାଭୋଗୀ ସଂଖ୍ୟାଲଘୁ(ସୁବିଧାଭୋଗୀ ଅମଲାତନ୍ତ୍ର, ସ୍ଥାୟୀ ସେନାବାହିନୀର ମୁଖ୍ୟମାନେ) ମାନଙ୍କର ବିଶେଷ ପ୍ରତିଷ୍ଠାନକୁ ବାଦ ଦେଇ ହିଁ ସଂଖ୍ୟାଗରିଷ୍ଠମାନେ ନିଜେହିଁ ସିଧାସଳଖ ଏହି ସବୁ କାମ କରିପାରନ୍ତି। ରାଷ୍ଟ୍ରଯନ୍ତ୍ରର ସବୁ କାମ ଯେତେ ଅଧିକରୁ ଅଧିକ ସାମଗ୍ରିକ ଭାବରେ ଜନସାଧାରଣ ନିଜେହିଁ କରିବେ, ଏହି ବିଶେଷ ଶକ୍ତିର ଅସ୍ତିତ୍ୱର ପ୍ରୟୋଜନୀୟତା ସେତେହିଁ ହ୍ରାସ ପାଉଥିବ।

ଏହି ପ୍ରସଙ୍ଗରେ କମ୍ୟୁନର ଯେଉଁସବୁ କାମକୁ ମାର୍କ୍ସ ଗୁରୁତ୍ୱ ଦେଇଥିଲେ ତା' ବିଶେଷ ଭାବରେ ପ୍ରଣିଧାନଯୋଗ୍ୟ। ଏହିସବୁ କାମ ହେଲା, ସମସ୍ତ ପ୍ରତିନିଧି ଭତ୍ତାର ଅବଲୁପ୍ତି, ସରକାରୀ କର୍ତ୍ତାମାନଙ୍କର ଆର୍ଥିକ ସୁବିଧା ସୁଯୋଗର ବିଲୋପ, ରାଷ୍ଟ୍ରର ସମସ୍ତ କର୍ମଚାରୀମାନଙ୍କର ବେତନ ହ୍ରାସ କରି 'ଶ୍ରମିକମାନଙ୍କର ମଜୁରୀ' ସହିତ ସମାନ କରିଦେବା। ଏଠାରେ ସ୍ୱଷ୍ଟ ଦେଖାଯାଏ ଯେ, ବୁର୍ଜୁଆ ଗଣତନ୍ତ୍ର ଦିଗରୁ, ସର୍ବହରା ଗଣତନ୍ତ୍ର ଆଡକୁ, ନିପୀଡକମାନଙ୍କର ଗଣତନ୍ତ୍ରରୁ ନିପୀଡିତ ଶ୍ରେଣୀର ଗଣତନ୍ତ୍ର ଅଭିମୁଖେ ଯାତ୍ରା ଆରମ୍ଭ ହୋଇଛି। ଗୋଟିଏ ବିଶେଷ ଶ୍ରେଣୀର ନିପୀଡନର ଯନ୍ତ୍ରରୁ ରାଷ୍ଟ୍ର ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କର, ଶ୍ରମିକ-କୃଷକଙ୍କର ରାଷ୍ଟ୍ର ହିସାବରେ ନିପୀଡକ ଶ୍ରେଣୀ ଉପରେ ଦମନର ସାଧାରଣ ବାହିନୀରେ ପରିଣତ ହୋଇଛି। ଏହି ବିଶେଷ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନରେ, ମୁଁ ମନେକରୁଛି ରାଷ୍ଟ୍ର ସଂପର୍କରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନରେ, ମାର୍କ୍ସଙ୍କ ଶିକ୍ଷାକୁ ପୁରାପୁରି ଭୁଲିଯିବା ହୋଇଛି ! ମାର୍କ୍ସବାଦର ଅସଂଖ୍ୟ ସୁଲଭ ଭାଷ୍ୟ ପ୍ରକାଶିତ ହୋଇଛି, କିନ୍ତୁ କୌଣସିଟିରେ ମଧ୍ୟ ମାର୍କ୍ସଙ୍କର ଏହିସବୁ କଥାର ଉଲ୍ଲେଖ ନାହିଁ। ଏହା ଯେମିତି କିଛି ପୁରୁଣା ଓ ଅତି ସରଳ କଥା। ସେଥିପାଇଁ ଏ ସଂପର୍କରେ ନିରବ ରହିବାହିଁ ଶ୍ରେୟସ୍କର। ଠିକ୍ ଯେଭଳି ରାଷ୍ଟ୍ରର ଧର୍ମ ହିସାବରେ ସ୍ୱୀକୃତି ପାଇବାପରେ, ଖ୍ରୀଷ୍ଟିୟାନମାନେ ସେମାନଙ୍କର ଗଣତାନ୍ତ୍ରିକ ବିପ୍ଳବୀ ଶକ୍ତିସଂପନ୍ନ ପୁରୁଣା ସରଳ ଖ୍ରୀଷ୍ଟଧର୍ମକୁ ଭୁଲି ଯାଇଛନ୍ତି - ଏହା ମଧ୍ୟ ଯେମିତି ଠିକ୍ ସେହିଭଳି ବିଷୟ।

ମନେହୋଇପାରେ, ଉଚ୍ଚ ପଦାଧିକାରୀ ରାଷ୍ଟ୍ରୀୟ ଅମଲାମାନଙ୍କର ବେତନ ହ୍ରାସ କରିଦେବା ହେଉଛି ଆଦିମ ସରଳ ଗଣତନ୍ତ୍ରର ଦାବି। ଆଧୁନିକ ସୁବିଧାବାଦର ଅନ୍ୟତମ 'ପ୍ରତିଷ୍ଠାତା' ସୋସାଲ ଡେମୋକ୍ରାଟ୍ ଏଡ୍‌ୱାର୍ଡ ଦର୍ଣ୍ଣଷ୍ଟାଇନ ବାରମ୍ବାର 'ଆଦିମ' ଗଣତନ୍ତ୍ରକୁ ସ୍ଥୁଳ ବୁର୍ଜୁଆ ଭାଷାରେ ବ୍ୟଙ୍ଗ-ବିଦ୍ରୁପ କରିଛନ୍ତି। ସମସ୍ତ ସୁବିଧାବାଦୀମାନଙ୍କ ଭଳି ଏବଂ ବର୍ତ୍ତମାନର କାଉଟ୍‌ସ୍କିପନ୍ଥୀ ମାନଙ୍କ ଭଳି, ସେ ଆଦୌ ବୁଝି ପାରିନାହାନ୍ତି ଯେ, କିଛି ପରିମାଣରେ 'ଆଦିମ' ଗଣତନ୍ତ୍ରକୁ ଫେରିନଗଲେ ପୁଞ୍ଜିବାଦରୁ ସମାଜତନ୍ତ୍ରକୁ ଉତ୍ତରଣ ଅସମ୍ଭବ(କାରଣ, ତା' ନହେଲେ କିଭଳି ଭାବରେ ସଂଖ୍ୟାଗରିଷ୍ଠ ଜନସାଧାରଣ ଓ ତା'ପରେ ବ୍ୟତିକ୍ରମହୀନ ଭାବରେ ସମଗ୍ର ଜନସାଧାରଣ ରାଷ୍ଟ୍ରର ଦାୟିତ୍ୱ ଗ୍ରହଣ କରିବେ ?)। ଦ୍ୱିତୀୟତଃ, ପୁଞ୍ଜିବାଦ ଓ ପୁଞ୍ଜିବାଦୀ ସଂସ୍କୃତି ଉପରେ ଠିଆ ହୋଇଥିବା 'ଆଦିମ ଗଣତନ୍ତ୍ର' ଓ ପ୍ରାକ୍ ପୁଞ୍ଜିବାଦୀ ସମୟରେ ବା ପ୍ରାଗ୍ ଐତିହାସିକ ଯୁଗର ଆଦିମ ଗଣତନ୍ତ୍ର ଏକା ଜିନିଷ ନୁହେଁ। ପୁଞ୍ଜିବାଦୀ ସଂସ୍କୃତି ବୃହତକାୟ ଶିଳ୍ପ, କଳକାରଖାନା, ରେଳବାଇ, ଡାକବିଭାଗ, ଟେଲିଫୋନ ଇତ୍ୟାଦି ସୃଷ୍ଟି କରିଛି ଏବଂ ଏସବୁ ଉପରେ ଭିତ୍ତି କରି ପୁରୁଣା ରାଷ୍ଟ୍ରଯନ୍ତ୍ରର ପ୍ରାୟ ଅଧିକାଂଶ କାର୍ଯ୍ୟକ୍ରମ ଅତ୍ୟନ୍ତ ସହଜ ସରଳ ହୋଇଯାଇଛି। ଏତେ ସହଜ ସରଳ ହୋଇଯାଇଛି ଯେ, ତା ରେଜିଷ୍ଟ୍ରି କରିବା, ରେକର୍ଡ କରିବା ଓ ପରୀକ୍ଷାକରି ଦେଖିବା ଭଳି ସହଜ କାମରେ ପରିଣତ ହୋଇଛି। ଏହି କାମ ଯେକୌଣସି ଶିକ୍ଷିତ ଲୋକ ଅତ୍ୟନ୍ତ ସହଜରେ କରିପାରେ। ସାଧାରଣ ଶ୍ରମିକର ମଜୁରୀରେ ହିଁ ଏହା କରିବା ସମ୍ଭବ। ତାଙ୍କର ଏହି କାମ ସହିତ ଜଡିତ ସୁବିଧା ଭୋଗର ଅଧିକାର ଓ ପଦମର୍ଯ୍ୟାଦାକୁ ପୁରାପୁରି ସମୂଳେ ବିଲୋପ କରି ଦିଆଯାଇପାରେ(ଏବଂ ତା' କରିବାକୁ ହିଁ ହେବ)।

ବ୍ୟତିକ୍ରମହୀନ ଭାବରେ ସମସ୍ତ ସରକାରୀ କର୍ମଚାରୀଙ୍କୁ ନିର୍ବାଚିତ ହେବାକୁ ପଡିବ, ସେମାନଙ୍କୁ ଯେକୌଣସି ସମୟରେ ଫେରାଇ ନିଆଯିବ, ସେମାନଙ୍କ ବେତନ ହ୍ରାସ କରି ସାଧାରଣ 'ମଜୁରୀ' ସହିତ ସମାନ କରିବାକୁ ହେବ। ଏହିସବୁ ସରଳ ସ୍ୱତଃସ୍ୱଷ୍ଟ ଗଣତାନ୍ତ୍ରିକ ପଦକ୍ଷେପ ଶ୍ରମିକ ଓ ଅଧିକାଂଶ କୃଷକମାନଙ୍କର ସ୍ୱାର୍ଥକୁ ସଂପୂର୍ଣ୍ଣ ଭାବରେ ଐକ୍ୟବଦ୍ଧ କରେ ଏବଂ ଏକା ସାଙ୍ଗରେ ପୁଞ୍ଜିବାଦରୁ ସମାଜତନ୍ତ୍ରର ଦିଗରେ ଅଗ୍ରଗତି କରିବାର ସେତୁ ରଚନାକରେ। ଏହିସବୁ ପଦକ୍ଷେପ ରାଷ୍ଟ୍ରର ପୁର୍ନଃଗଠନର ପ୍ରଶ୍ନ ସହିତ ଏବଂ ସମାଜର ଯଥାର୍ଥ ରାଜନୈତିକ ପୁର୍ନଃଗଠନର ପ୍ରଶ୍ନ ସହିତ ଯୁକ୍ତ। କିନ୍ତୁ ଯେଉଁମାନେ ଅନ୍ୟର ସଂପଦ ଭୋଗ କରନ୍ତି, ଭୋଗ ଦଖଲ କରୁଛନ୍ତି, ସେମାନଙ୍କୁ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

ବିଶ୍ୱବ୍ୟାପୀ .....

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ବିକ୍ଷୋଭ ଓ ଆନ୍ଦୋଳନର ସାକ୍ଷୀ ହେଉଛି ୨୦୨୩ ମସିହା। ଏଠାରେ ଏହି ଧରଣର ମାତ୍ର କେତୋଟି ଦେଶରେ ଗଢିଉଠିଥିବା ଦୁର୍ବାର ଆନ୍ଦୋଳନ ସଂପର୍କରେ ଉଲ୍ଲେଖ କରାଯାଉଛି।

ଫ୍ରାନ୍ସ - ଅବସର ଗ୍ରହଣ ବୟସକୁ ୬୨ରୁ ବୃଦ୍ଧିକରି ୬୪ କରିବା ନିଷ୍ପତ୍ତି ପ୍ରତିବାଦରେ ଉତ୍ତାଳ ହୋଇଉଠିଛି ଫ୍ରାନ୍ସର ରାଜପଥ। ଜାନୁଆରୀ ୧୯ତାରିଖରେ ବିଦ୍ୟୁତ-ରେଳ-ଶିକ୍ଷା-ସ୍ୱାସ୍ଥ୍ୟସେବା ସମେତ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ୧୦ଲକ୍ଷରୁ ଅଧିକ ଶ୍ରମିକ କର୍ମଚାରୀ ଧର୍ମଘଟରେ ସାମିଲ ହୋଇଥିଲେ, ରାସ୍ତାକୁ ଓହ୍ଲାଇ ପୁଲିସ ସହିତ ମୁହାଁମୁହିଁ ହୋଇଥିଲେ। ମାର୍ଚ୍ଚ ୨୩ରେ ବିଦ୍ୟୁତ କ୍ଷେତ୍ରର କର୍ମଚାରୀମାନେ ବେତନ ବୃଦ୍ଧି ଓ କାମର ନିରାପତ୍ତା ଦାବି କରି ଲଗାତର ସପ୍ତାହବ୍ୟାପୀ ଧର୍ମଘଟ କରିଥିଲେ। ଏହି ଧର୍ମଘଟ ଫଳରେ ଦେଶରେ ବିଦ୍ୟୁତ ଉତ୍ପାଦନ ୫୦୦୦ ମେଗାୱାଟ ହ୍ରାସ ପାଇଥିଲା। ଆନ୍ଦୋଳନ ଚାପରେ ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ଦାବି ମାନିନେବାକୁ ବାଧ୍ୟ ହୋଇଥିଲେ।

ବ୍ରିଟେନ୍ - ବିଦ୍ୟୁତ ଓ ରେଳକର୍ମଚାରୀ, ନର୍ସିଂ ଓ ପାରାମେଡିକାଲ ସେବାରେ ନିୟୋଜିତ କର୍ମଚାରୀ, ଦମକଳ କର୍ମଚାରୀ ଓ ଶିକ୍ଷକମାନଙ୍କର ଲଗାତର ଆନ୍ଦୋଳନରେ ଅତିଷ୍ଠ ହୋଇ ସରକାର ଏସବୁ କ୍ଷେତ୍ରରେ ଧର୍ମଘଟକୁ ବେଆଇନ ଘୋଷଣା କରିବା ପାଇଁ ଏକ ବିଶେଷ ଆଇନ ପ୍ରଣୟନ କରିଥିଲେ। ନ୍ୟାୟସଂଗତ ଆନ୍ଦୋଳନର ଅଧିକାର ଅପହରଣ ପ୍ରତିବାଦରେ ଫେବୃୟାରୀ ୧ତାରିଖରେ ବ୍ରିଟେନ୍‌ର ଶ୍ରମିକମାନେ ସଂଘବଦ୍ଧ ଆନ୍ଦୋଳନ କରି ଆଇନ ପ୍ରତ୍ୟାହାର କରିବା ପାଇଁ ସରକାରଙ୍କୁ ବାଧ୍ୟ କରିଥିଲେ। ମାର୍ଚ୍ଚ ୬ତାରିଖରେ ପରିବହନ କ୍ଷେତ୍ରରେ କାମ କରୁଥିବା ୧୦ହଜାର କର୍ମଚାରୀଙ୍କ ସହିତ ଛାତ୍ର ଓ ଶିକ୍ଷକମାନଙ୍କ ବିଶାଳ ବିକ୍ଷୋଭ ଲଣ୍ଡନ ସହରକୁ ସ୍ତବ୍ଧ କରିଦେଇଥିଲା। ସେହିଭଳି ମାର୍ଚ୍ଚ ମାସ ୧୩ରୁ ୧୫ ତାରିଖରେ ବେତନ ବୃଦ୍ଧି ଦାବିରେ ଏବଂ ଚୁକ୍ତିଭିତ୍ତିକ ନିଯୁକ୍ତି ଓ ପେନ୍‌ସନ୍ ହ୍ରାସ କରିବା ପ୍ରତିବାଦରେ ୪୦ହଜାରରୁ ଅଧିକ ଶ୍ରମିକ 'ମାର୍ଚ୍ଚ ଟୁ ଲଣ୍ଡନ'ର ଡାକରା ଦେଇଥିଲେ ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ଲଣ୍ଡନକୁ ପଦଯାତ୍ରା କରିଥିଲେ। ମାର୍ଚ୍ଚ ୧୫ ଓ୧୬ ତାରିଖରେ ଲଣ୍ଡନର ସାମ୍ବାଦିକମାନେ ଧର୍ମଘଟ କରିଥିଲେ। ମାର୍ଚ୍ଚ ୧୫ରୁ ୧୮ତାରିଖ ପର୍ଯ୍ୟନ୍ତ ପରିବହନ କର୍ମୀ ଓ ଗାଡି ଚାଳକମାନେ ପେନ୍‌ସନ ଦାବିରେ ତଥା ଛଟେଇ ଓ କାମର ପରିବେଶର କ୍ରମାଗତ ଅବନତି ପ୍ରତିବାଦରେ ଧର୍ମଘଟ କରିଥିଲେ।

ଜର୍ମାନୀ - 'ମିଳିତ ଫୋରମ' ନେତୃତ୍ୱରେ ମାର୍ଚ୍ଚ ଓ ଏପ୍ରିଲ ମାସରେ ଖାଦ୍ୟଦ୍ରବ୍ୟ ଓ ଜାଳେଣୀର ମୂଲ୍ୟବୃଦ୍ଧି ପ୍ରତିବାଦରେ ଲଗାତର ଧର୍ମଘଟ ହୋଇଥିଲା। ମାର୍ଚ୍ଚ ମାସ ଆରମ୍ଭରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧର୍ମଘଟକରି ଏକ ଲକ୍ଷ ୬୦ହଜାର କର୍ମଚାରୀ ବେତନ ବୃଦ୍ଧିର ଦାବି ଆଦାୟ କରିଥିଲେ।

ଯୁକ୍ତରାଷ୍ଟ୍ର ଆମେରିକା - ସେପ୍ଟେମ୍ବର ୧୫ତାରିଖରୁ ଅଟୋମୋବାଇଲ କ୍ଷେତ୍ରରେ କାମକରୁଥିବା ୧୩୦୦୦ କର୍ମଚାରୀ ବେତନ ବୃଦ୍ଧି, କର୍ମକ୍ଷେତ୍ରରେ ନ୍ୟାଯ୍ୟ ସୁବିଧା ସୁଯୋଗ ଫେରିପାଇବା ଏବଂ ପେନ୍‌ସନ୍ ଦାବିରେ ଧର୍ମଘଟ କରିଥିଲେ।

କାନାଡା - ସେପ୍ଟେମ୍ବର ୨୩ରେ ଜୀବନ ଯାତ୍ରା ଓ କାମ କରିବାର ପରିବେଶରେ ଉନ୍ନତି ଦାବି କରି ୪୦ହଜାର କର୍ମଚାରୀଙ୍କର ଏକ ଶୋଭାଯାତ୍ରା ଦୀର୍ଘପଥ ଅତିକ୍ରମ କରି ମଣ୍ଟ୍ରିଲ ପହଂଚିଥିଲା ଏବଂ ସେଠାରେ ପୁଲିସ ସହିତ ମୁହାଁମୁହିଁ ହୋଇଥିଲା।

ଗ୍ରୀସ୍ - ରେଳବାଇର ନିମ୍ନସ୍ତରର ଭିତ୍ତିଭୂମି ଓ କର୍ମଚାରୀ ଅଭାବ ପ୍ରତିବାଦରେ ରେଳକର୍ମଚାରୀମାନେ ଧର୍ମଘଟ କରିଥିଲେ। ଦୈନିକ କାମର ଅବଧି ବୃଦ୍ଧି କରିବା ପ୍ରତିବାଦରେ ସେପ୍ଟେମ୍ବର ୨୧ ତାରିଖରେ ସମଗ୍ର ଗ୍ରୀସ୍‌ରେ ସରକାରୀ କର୍ମଚାରୀମାନେ ଧର୍ମଘଟ ପାଳନ କରିଥିଲେ।

ବେଲଜିୟମ୍ - ଧର୍ମଘଟର ଅଧିକାରକୁ ଅବୈଧ ଘୋଷଣା କରିବା ପାଇଁ ବେଲଜିୟମ୍ ସରକାର ସଂସଦରେ ବିଲ ଉପସ୍ଥାପନ କରିବା ପ୍ରତିବାଦରେ ଅକ୍ଟୋବର ୫ତାରିଖରେ ହଜାର ହଜାର ଶ୍ରମିକ ଲଗାତର ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ଏହି ଅଗଣତାନ୍ତ୍ରିକ ବିଲ ପ୍ରତ୍ୟାହାର କରିବା ପାଇଁ ସରକାରକୁ ବାଧ୍ୟ କରିଥିଲେ।

ବିଶ୍ୱବ୍ୟାପୀ ୨୦୨୩ ମସିହାରେ ସଂଗଠିତ ଅଗଣିତ ଆନ୍ଦୋଳନ ମଧ୍ୟରୁ କେତୋଟି ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନର ଉଦାହରଣ ଏଠାରେ ଉଲ୍ଲେଖ କରାଯାଇଛି। ବାସ୍ତବରେ ଦୀର୍ଘ ବହୁ ବର୍ଷଧରି ସମଗ୍ର ବିଶ୍ୱର ଶ୍ରମଜୀବୀ ଜନସାଧାରଣ ବାରମ୍ବାର ଶକ୍ତିଶାଳୀ ଓ ଦୀର୍ଘସ୍ଥାୟୀ ଗଣଆନ୍ଦୋଳନ ଗଢିତୋଳୁଛନ୍ତି। ମାତ୍ର ଏହିସବୁ ଆନ୍ଦୋଳନକୁ ହୁଏତ ସରକାର ଦମନ କରୁଛନ୍ତି ତା' ନହେଲେ ସାମାନ୍ୟ କିଛି ଦାବି ହାସଲ କରି ଆନ୍ଦୋଳନଗୁଡିକ ସ୍ତିମିତ ହେଉଛି। ପୁଞ୍ଜିବାଦୀ ଶୋଷଣ, ଅତ୍ୟାଚାର ଓ ଲୁଣ୍ଠନରୁ ଶ୍ରମିକକୁ ମୁକ୍ତି ମିଳୁନାହିଁ। ଏହି ପରିସ୍ଥିତିରେ ପ୍ରୟୋଜନ ହେଉଛି ଉପଯୁକ୍ତ ନେତୃତ୍ୱ ଓ ସଠିକ୍ ରାସ୍ତା ଏବଂ ସେହି ରାସ୍ତା ଯେ ସଂଗ୍ରାମୀ ବାମପନ୍ଥା ସେକଥା ମଧ୍ୟ ଧିରେ ଧିରେ ବିଶ୍ୱବ୍ୟାପୀ ଶ୍ରମିକମାନଙ୍କ ନିକଟରେ ସ୍ପଷ୍ଟ ହେଉଛି।

★★★

କାହାଦ୍ୱାରା ଧ୍ୱଂସପ୍ରାପ୍ତ : .....

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ଯେତେବେଳେ ଅଧିକାରଚ୍ୟୁତ କରାଯିବ ବା ସେହି ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ, ଅର୍ଥାତ୍ ଯେତେବେଳେ ଉତ୍ପାଦନର ଉପକରଣ ଉପରେ ପୁଞ୍ଜିବାଦୀ ବ୍ୟକ୍ତି ମାଲିକାନାର ରୂପାନ୍ତର ଘଟାଇ ସମାଜତାନ୍ତ୍ରିକ ମାଲିକାନାରେ ପରିଣତ କରାଯିବ, ସେତେବେଳେ ହିଁ ଏହାର ସଂପୂର୍ଣ୍ଣ ଅର୍ଥ ଓ ତାତ୍ପର୍ଯ୍ୟ ସ୍ପଷ୍ଟ ହେବ।

ମାର୍କ୍ସ ଲେଖିଥିଲେ, 'ବୁର୍ଜୁଆ ବିପ୍ଳବର ସେହି ମନୋହର ପ୍ରତିଶ୍ରୁତି, ସ୍ୱଳ୍ପ ଖର୍ଚ୍ଚରେ ସରକାର ପରିଚାଳନାକୁ କମ୍ୟୁନ ବାସ୍ତବ ରୂପ ଦେଇଛି। ସରକାରୀ ବ୍ୟୟର ସବୁଠାରୁ ଦୁଇଟି ବଡ ଉତ୍ସ; ସ୍ଥାୟୀ ସେନାବାହିନୀ ଓ ଅମଲାତନ୍ତ୍ରକୁ କମ୍ୟୁନ ଧ୍ୱଂସ କରିଦେଇଛି।'

କୃଷକ ଓ ଅନ୍ୟାନ୍ୟ ଅଂଶର ପେଟିବୁର୍ଜୁଆ ମାନଙ୍କ ମଧ୍ୟରୁ ଗୋଟିଏ ନଗଣ୍ୟ ଅଂଶ 'ଉପରକୁ ଉଠିପାରେ', ଅର୍ଥାତ୍ ସେମାନେ ଧନୀ ହୋଇ ବା ବୁର୍ଜୁଆ ହୋଇ କିମ୍ବା ସୁବିଧାଭୋଗୀ ଅମଲାରେ ପରିଣତ ହୋଇ ନିଶ୍ଚିତ ଜୀବନଯାପନ କରିପାରନ୍ତି। ଯେଉଁସବୁ ପୁଞ୍ଜିବାଦୀ ଦେଶରେ କୃଷକ ଅଛନ୍ତି(ପ୍ରାୟ ସମସ୍ତ ପୁଞ୍ଜିବାଦୀ ଦେଶରେହିଁ ଅଛନ୍ତି), ସେହିସବୁ ଦେଶରେ ବିପୁଳ ସଂଖ୍ୟାଗରିଷ୍ଠ କୃଷକମାନଙ୍କୁ ସରକାର ନିର୍ଯ୍ୟାତିତ କରେ। କୃଷକମାନେ ସେହି ସରକାରକୁ ଉତ୍‌ଖାତ କରିବାକୁ ଚାହାଁନ୍ତି, ସେମାନେ 'କମ୍ ଖର୍ଚ୍ଚରେ ପରିଚାଳିତ' ସରକାର ଚାହାଁନ୍ତି। ଏକମାତ୍ର ସର୍ବହରା ଶ୍ରେଣୀ ହିଁ ଏହି ଧରଣର ସରକାର ପ୍ରତିଷ୍ଠା କରିପାରେ। ଏହା ସଂଗେ ସଂଗେ ଏହି ଧରଣର ସରକାର ଗଠନ କରି ସର୍ବହରା ଶ୍ରେଣୀ ରାଷ୍ଟ୍ରର ସମାଜତାନ୍ତ୍ରିକ ପୁର୍ନଃଗଠନ ଦିଗରେ ପାଦେ ଆଗେଇଯାଏ।

(କ୍ରମଶଃ)

ଟେଲିଫୋନକୁ ମଧ୍ୟ ସରକାର ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାଁନ୍ତି

ପାର୍ଲିଆମେଣ୍ଟର ଶୀତକାଳୀନ ଅଧିବେଶନର ପ୍ରାୟ ୧୫୦ ଜଣ ବିରୋଧି ସଦସ୍ୟମାନଙ୍କୁ ସସ୍‌ପେଣ୍ଡ୍ କରି ବିରୋଧି ଶୂନ୍ୟ ସଂସଦରେ ବିନା ବିତର୍କରେ କେତୋଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ କରିନେଲେ। ଯାହା ମଧ୍ୟରେ ବିଜେପି ସରକାରର ଦମନମୂଳକ ସୌରାଚାରୀ ଚରିତ୍ର ସ୍ପଷ୍ଟ ପ୍ରକାଶିତ ହୋଇଛି।

୨୧ ଡିସେମ୍ବରରେ ଗୃହୀତ ହୋଇଥିବା 'ଟେଲି କମ୍ୟୁନିକେସନ୍ ବିଲ୍-୨୦୨୩' ବିରୁଦ୍ଧରେ ବହୁ ଅଭିଯୋଗ ଉଠିଛି। ଜାତୀୟ ନିରାପତ୍ତା, ଜନଗଣଙ୍କର ସୁରକ୍ଷା ଆଦି ଆଳରେ ନାଗରିକମାନଙ୍କର ଟେଲି ଯୋଗାଯୋଗ ବ୍ୟବସ୍ଥା ଉପରେ ନିଜର ନିୟନ୍ତ୍ରଣ ବଢାଇବାର ସୁଯୋଗ ଏହି ଆଇନର ଛତ୍ରେ ଛତ୍ରେ ଭରି ରହିଛି। ଏହି ଆଇନ ଚାଲୁ ହେଲେ ଡିଜିଟାଲ ଓ ଅନ୍ୟାନ୍ୟ ମାଧ୍ୟମରେ ପାରସ୍ପରିକ ଯୋଗାଯୋଗ କ୍ଷେତ୍ରରେ ନାଗରିକମାନଙ୍କର ବ୍ୟକ୍ତିଗତ ଓ ଗୋପନୀୟତା ବୋଲି କିଛି ରହିବ ନାହିଁ ଏବଂ ବ୍ୟକ୍ତିଗତ ସମସ୍ତ ତଥ୍ୟ ସରକାରଙ୍କ ନିୟନ୍ତ୍ରଣକୁ ଚାଲିଯିବ।

ଏଇ ଆଇନରେ ଟେଲିକମ୍ ପରିସେବାର ସଂଜ୍ଞା ସଂପୂର୍ଣ୍ଣ ଅସ୍ପଷ୍ଟ। ଫଳରେ ଟେଲି-ଯୋଗାଯୋଗ ଛଡା ବି ହ୍ୱାଟ୍‌ସ ଆପ, ଏକ୍ସ (ପୂର୍ବର ଟୁଇଟର), ଫେସ ବୁକ୍, ଇନଷ୍ଟାଗ୍ରାମ ଭଳି ଅନଲାଇନ୍ ସମାଜିକ ଗଣମାଧ୍ୟମଗୁଡିକୁ ମଧ୍ୟ ସରକାର ଚାହିଁଲେ ଏହି ଆଇନର ପରିସରକୁ ନେଇ ଆସି ପାରିବେ। ଦେଶର ନିରାପତ୍ତା ବା ଜରୁରୀ ପରିସ୍ଥିତିର ବାହାନା ଦେଖାଇ ସରକାର ଚାହିଁଲେ ଏହି ଆଇନ ବଳରେ କେହି ପଠାଇଥିବା ବାର୍ତ୍ତାକୁ ଅଟକାଇ ଦେଇ ପାରିବେ। ସେଗୁଡିକ ଉପରେ ଖବରଦାରି ଚଳାଇ ପାରିବେ କିମ୍ବା ସେଗୁଡିକର ପ୍ରଚାର ବନ୍ଦ କରି ଦେଇପାରିବେ। ତେଣୁ ସରକାରଙ୍କର କୌଣସି ନୀତି ବା ସରକାରୀ ଦଳର କୌଣସି କାର୍ଯ୍ୟକଳାପ ବିରୁଦ୍ଧରେ ଏହି ସବୁ ଗଣମାଧ୍ୟମଗୁଡିକୁ ବ୍ୟବହାର କରି ପାରସ୍ପରିକ ମତ ବିନିମୟ କରିବା ବର୍ତ୍ତମାନଠାରୁ ଦୁଃସାଧ୍ୟ ହୋଇପଡିବ। କେବଳ ସେତିକି ନୁହେଁ, ଇଣ୍ଟରନେଟ୍ ବ୍ୟବହାର ମାଧ୍ୟମରେ ପରସ୍ପର ଭିତରେ ଯୋଗାଯୋଗ ବ୍ୟବସ୍ଥା ଚାଲୁ ରଖିବା ଏକ ମୌଳିକ ସର୍ତ୍ତଭାବେ ସୁପ୍ରିମ କୋର୍ଟ ଘୋଷଣା କରିଛି। ତା ସତ୍ତ୍ୱେ ବି ଏହି ଆଇନ ସରକାରଙ୍କୁ ନିଜ ଇଚ୍ଛାରେ ଇଣ୍ଟରନେଟ୍ ସଂଯୋଗ ବନ୍ଦ କରିବାକୁ ଅଧିକାର ଦିଆଯାଇଛି।

ଏହି ଆଇନ ବଳରେ ବିଜେପି ସରକାର କେବଳ ବ୍ୟବହାରକାରୀମାନଙ୍କ ଉପରେ ନୁହେଁ, ପରିସେବା ଯୋଗାଉଥିବା ସଂସ୍ଥାଗୁଡିକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ଚାହୁଁଛି। ଡିଜିଟାଲ ପରିସେବା କ୍ଷେତ୍ରରେ ଏପର୍ଯ୍ୟନ୍ତ ବ୍ୟକ୍ତିର ଗୋପନୀୟତାର ଅଧିକାରକୁ ମାନ୍ୟତା ଦିଆଯାଇନାହିଁ। ଯେମିତି ହ୍ୱାଟସ୍‌ଆପ ବା ଇ-ମେଲ ବ୍ୟବହାରକାରୀମାନଙ୍କର ପଠାଇଥିବା ବାର୍ତ୍ତା କେବଳ ଯାହାକୁ ପଠାଯାଉଛି କେବଳ ସେ ହିଁ ଦେଖିପାରନ୍ତି, ଅନ୍ୟ କେହି ନୁହେଁ। ନୂତନ ଆଇନରେ ଏହି ବିଷୟଟି ରହିବ ନାହିଁ। ଏ ଦେଶର କାମ କରିବାକୁ ହେଲେ ପରିସେବା ଯୋଗାଣକାରୀ ସଂସ୍ଥାଗୁଡିକୁ ନୂତନ ଆଇନରେ ଏ ସଂକ୍ରାନ୍ତିୟ ସର୍ତ୍ତ ମାନିବାକୁ ହେବ। ଫଳରେ ବ୍ୟବହାରକାରୀ ମାନଙ୍କର ଗୋପନୀୟତା ବିପନ୍ନ ହେବ। ସର୍ତ୍ତ ନମାନିଲେ ଏହି ଆଇନ ଅନୁସାରେ ପରିସେବା ଯୋଗାଣକାରୀ ସଂସ୍ଥାର କାମ ସରକାର ବନ୍ଦ କରିଦେଇ ପାରିବେ। ସୁତରାଂ ଯେତେ ସ୍ୱୈରାଚାରୀ ହୁଅନ୍ତୁ, ନୂତନ ଆଇନ ଚାଲୁ ହେଲେ ସରକାରଙ୍କ ସ୍ୱରରେ ସ୍ୱର ନ ମିଳେଇ ଡିଜିଟାଲ ଯୋଗାଣକାରୀ ସଂସ୍ଥାଗୁଡିକ ଭାରତ ବର୍ଷରେ କାମ କରିପାରିବେ ନାହିଁ।

ଏହି ନୂତନ ଆଇନରେ ନାଗରିକ ମାନଙ୍କର ବାୟୋମେଟ୍ରିକ୍ ତଥ୍ୟ ଉପରେ ବିଜେପି ସରକାର ଜୋର ଦେଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ସାଧାରଣ ଏକ ଫୋନର ସଂଯୋଗ ନେବାକୁ ହେଲେ ମଧ୍ୟ ଗ୍ରାହକଙ୍କୁ ବାୟୋମେଟ୍ରିକ ତଥ୍ୟ ଦେବାକୁ ହେବ। ଏପରିକି ଇଣ୍ଟରନେଟ୍ ଯୋଗାଯୋଗ ଛଡା ଆଜିକାର ଦିନରେ ଜୀବନ ପ୍ରାୟ ଅଚଳ, ହେଲେ ତା ବ୍ୟବହାର କରିବାକୁ ଗଲେ ବି ବାୟୋମେଟ୍ରିକ ତଥ୍ୟ ଦେବାକୁ ହେବ। ସରକାର ଇତି ମଧ୍ୟରେ ବିଭିନ୍ନ କାମରେ ଦେଶର ଲୋକମାନଙ୍କଠାରୁ ଯେଉଁ ବାୟୋମେଟ୍ରିକ ତଥ୍ୟ ନେଉଛନ୍ତି, ସେଗୁଡିକ ଯେ ସରକାରଙ୍କର ହାତରେ ସୁରକ୍ଷିତ ଅବସ୍ଥାରେ ନାହିଁ, ତାହା ବହୁ ଆଗରୁ ପ୍ରମାଣିତ ହୋଇସାରିଛି। ଆଧାର କାର୍ଡ ଓ ରେସନ କାର୍ଡରୁ ବାୟୋମେଟ୍ରିକ ତଥ୍ୟ ସଂଗ୍ରହ କରି ବ୍ୟାଙ୍କ ଆକାଉ ଲୁଟ ହେବାର ବହୁ ଘଟଣା କାରଣରୁ ଦେଶର ଲୋକମାନଙ୍କୁ ଆଜି ଜୀବନର ପ୍ରତିଟି ମୁହୂର୍ତ୍ତ ଆଶଙ୍କା ମଧ୍ୟରେ କଟାଇବାକୁ ହେଉଛି।

ଏହି ଅବସ୍ଥାରେ ଟେଲିକମ୍ୟୁନିକେସନ୍ ଆଇନର ବ୍ୟାପକ ଭାବେ ବାୟୋମେଟ୍ରିକ ତଥ୍ୟ ଯୋଗାଇବା ଫଳରେ ପରିସ୍ଥିତି ଯେ ଆହୁରି କେତେ ଭୟଙ୍କର ହେବ, ତାହା ଭାବିବାକୁ ଭୟ ଲାଗେ।

ସ୍ୱାଧୀନତା ପୂର୍ବରୁ ପ୍ରଚଳିତ ଥିବା ଟେଲିକମ୍ ଆଇନ ସହ ଦେଶରେ ପ୍ରଚଳିତ ଆଇନଗୁଡିକୁ ବାତିଲ କରି ନୂତନ ଏଇ ଆଇନରେ ଯେଉଁଭଳି ଭାବରେ ଦେଶର ନାଗରିକମାନଙ୍କର ମତ ପ୍ରକାଶର ସ୍ୱାଧୀନତା ଓ ଗୋପନୀୟତାର ଅଧିକାରକୁ କେନ୍ଦ୍ର ବିଜେପି ସରକାର ନିଜ ନିୟନ୍ତ୍ରଣକୁ ନେଇ ଆସିଲେ, ଯାହା କୌଣସି ସ୍ୱାଧୀନ ଗଣତାନ୍ତ୍ରିକ ଦେଶରେ ଅକଳ୍ପନୀୟ। କିଛି ଦିନ ଆଗରୁ ଦେଶର ବିଶିଷ୍ଟ ସାମ୍ବାଦିକମାନଙ୍କ ମୋବାଇଲ ଫୋନକୁ ରେକର୍ଡିଂ କରିବା ଉଦ୍ଦେଶ୍ୟରେ ବିପୁଳ ଅର୍ଥ ଖର୍ଚ୍ଚ କରି ଇସ୍ରାଏଲ୍‌ରୁ 'ପେଗାସସ୍' କିଣି ବ୍ୟବହାର କରିବାର ଅଭିଯୋଗ ବିଜେପି ସରକାର ବିରୁଦ୍ଧରେ ଉଠିଛି।

ସିଧାସଳଖ ଭାବେ ସେହି ଅଭିଯୋଗକୁ ଅସ୍ୱୀକାର କଲେବି ନୂତନ ଟେଲିକମ୍ୟୁନିକେସନ୍ ଆଇନ ପାସ କରି ନିଜେ ବିଜେପି ସରକାର ପ୍ରମାଣ କରିଦେଲେ ଯେ କେବଳ ସାଂବାଦିକ ବା ରାଜନୈତିକ ବିରୋଧିମାନଙ୍କ ଉପରେ ନୁହେଁ, ଦେଶର ସମସ୍ତ ନାଗରିକମାନଙ୍କ ପ୍ରତିଟି କାର୍ଯ୍ୟକଳାପ ଉପରେ ଗୁପ୍ତଚର ବୃତ୍ତି କରିବା ହେଉଛି ଏହି ଆଇନର ଉଦ୍ଦେଶ୍ୟ। ମୂଲ୍ୟବୃଦ୍ଧି, ବେକାରୀ, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟାରେ ଜର୍ଜରିତ ଦେଶର ସାଧାରଣ ମଣିଷ ଯେତେ ପ୍ରତିବାଦ ମୁଖର ହେଉଛି, ସେତେ ସରକାର ବିକ୍ଷୋଭର ଭୟରେ ଆତଙ୍କିତ ହୋଇ ଉଠୁଛି। ମତପ୍ରକାଶ ଓ ବିନିମୟ ଉପରେ ଏହି ଆଇନକୁ ଆହୁରି କଡାକଡି ଭାବେ ଲାଗୁ କରୁଛୁ।

ବିଜେପି ସରକାର ଏ ଦେଶର ପୁଞ୍ଜିପତି ଶ୍ରେଣୀ ସ୍ୱାର୍ଥରେ ଫାସିବାଦୀ ସ୍ୱୈରାଚାରୀ ପଦକ୍ଷେପ ନେବାକୁ ବଦ୍ଧପରିକର। ତେଣୁ ଏହି ଧରଣର ଆଇନ ଗୋଟିଏ ପରେ ଗୋଟିଏ ଲାଗୁ କରିଚାଲିଛି। ନୂତନ ଟେଲିକମ୍ୟୁନିକେସନ୍ ଆଇନ ଦେଶରେ ତିଷ୍ଠି ରହିଥିବା ଯତ୍‌କିନଚିତ ଗଣତାନ୍ତ୍ରିକ ଅଧିକାର ଗୁଡିକର କବର ରଚନା କରିବ। ସମସ୍ତ ଶୁଭବୁଦ୍ଧିସମ୍ପନ୍ନ ଜନସାଧାରଣଙ୍କୁ ଏହି ଅଗଣତାନ୍ତ୍ରିକ ଆଇନର ପ୍ରତିବାଦ କରିବାକୁ ହେବ।

★★★

ସଂଯୁକ୍ତ କିଷାନ ମୋର୍ଚ୍ଚା ଡ଼ାକରାରେ ଏଆଇକେକେଏମ୍‌ଏସ୍ ପକ୍ଷରୁ ବାଇକ ଓ ସାଇକେଲ ରାଲି

ବେରବୋଇ,ଡେଲାଙ୍ଗ ଅଂଚଳରେ ଏମଏସପିକୁ ଆଇନର ଗ୍ୟାରେଣ୍ଟି ଦେବା,ବିଦ୍ୟୁତ୍ ବିଲ ୨୦୨୩କୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିବା ତଥା ଚାଷୀ ଭାଗଚାଷୀ ମାନଙ୍କର ନ୍ୟାଯ୍ୟ ଦାବି ପୂରଣ ଦିଗରେ କେନ୍ଦ୍ରରେ ପ୍ରତିଷ୍ଠିତ ବିଜେପି ଓ ରାଜ୍ୟର ବିଜେଡି ସରକାରଙ୍କ ଚରମ ବ୍ୟର୍ଥତା ବିରୁଦ୍ଧରେ ଚାଷୀ ମୂଲିଆ ମାନଙ୍କର ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ଜାନୁଆରୀ ୨୬ ତାରିଖରେ ସାରା ଦେଶରେ ଟ୍ରାକ୍ଟର,ମୋଟର ବାଇକ ଓ ସାଇକେଲ ରାଲି କରିବାପାଇଁ ଆହ୍ୱାନ କରିଛି। ଏହି ଆହ୍ୱାନ ପରିପ୍ରେକ୍ଷୀରେ ଏଆଇକେକେଏମଏସ ତରଫରୁ ଏକ ମୋଟର ବାଇକ ରାଲି ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବେରବୋଇ ଠାରେ ହୋଇଯାଇଛି। ଏହି ରାଲିରେ ଏଆଇକେକେଏମଏସର ରାଜ୍ୟ ସମ୍ପାଦକ କମ୍ରେଡ଼ ରଘୁନାଥ ଦାସ ଯୋଗଦେଇ ଚାଷୀ ମୂଲିଆଙ୍କ ଦାବି ପୂରଣ କରିବା ପାଇଁ ଆନ୍ଦୋଳନକୁ ଜୋରଦାର କରିବାପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଡେଲାଙ୍ଗ ବ୍ଲକ ସଭାପତି କମ୍ରେଡ଼ ଦୀନବନ୍ଧୁ ପରିଡା, ସମ୍ପାଦକ ବଟକୃଷ୍ଣ ସ୍ୱାଇଁ, ବରିଷ୍ଠ ଚାଷୀ ନେତା ପଦ୍ମଚରଣ ଜେନା, ଗୋଲକ ବରାଳ, ତ୍ରିନାଥ ପ୍ରଧାନ ପ୍ରମୁଖ ଏହି ରାଲିରେ ବକ୍ତବ୍ୟ ରଖିଥିଲେ।

ଏଆଇକେକେଏମ୍‌ଏସ୍ ପକ୍ଷରୁ ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ

ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ଏଆଇକେକେଏମଏସ,ପକ୍ଷରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ମୋଟର ସାଇକେଲ, ସାଇକେଲ ରାଲିସହ ପଦଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଲି ଓ ବିକ୍ଷୋଭରେ ଚାଷୀ, ଭାଗ ଚାଷୀ ଓ କ୍ଷେତ ମଜଦୁର ମାନଙ୍କର ନ୍ୟାଯ୍ୟ ଦାବି ପୂରଣ ପାଇଁ ଉଭୟ କେନ୍ଦ୍ରର ବିଜେପି ଓ ରାଜ୍ୟ ବିଜେଡି ସରକାରଙ୍କ ନିକଟରେ ଦୃଢ ଦାବି କରାଯାଇଛି। ଦାବିଗୁଡିକ ମଧ୍ୟରେ ଏମଏସପିକୁ ଆଇନର ଗ୍ୟାରେଣ୍ଟି ଦେବା, ବିଦ୍ୟୁତ ବିଲ ୨୦୨୩ କୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିବା, ଭାଗ ଚାଷୀଙ୍କୁ ସରକାରୀ ମଣ୍ଡିରେ ସେମାନଙ୍କର କୃଷିଜାତ ଦ୍ରବ୍ୟ ବିକ୍ରି କରିବା ପାଇଁ ଆଇନ ପ୍ରଣୟନ କରିବା, କ୍ଷେତ ମଜଦୁର ମାନଙ୍କୁ ବର୍ଷସାରା କାମ ଯୋଗାଇବା ଆଦି ଦାବି କରିବା ସହ ଆଗାମୀ ଦିନରେ ଶକ୍ତିଶାଳୀ ଚାଷୀ ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ ଦିଆଯାଇଛି।

ନିଶ୍ଚିନ୍ତକୋଇଲି ବ୍ଲକରେ ଏଆଇୟୁଟିୟୁସି ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ

ସ୍ୱାଧୀନତା ଆନ୍ଦୋଳନରେ ଆପୋଷହୀନ ଧାରାର ମହାନ ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଏଆଇୟୁଟିୟୁସି ପକ୍ଷରୁ ନିଶ୍ଚିନ୍ତ କୋଇଲି ବ୍ଲକ ଅନ୍ତର୍ଗତ ବନ୍ଧୁପୁର ଖେଳ ପଡିଆ ଠାରେ ୨୩ ଜାନୁଆରୀ ୨୦୨୪ରେ ଜୟନ୍ତୀ ସଭା ଅନୁଷ୍ଠିତ ହୋଇ ଯାଇଛି।

ଏଆଇୟୁଟିୟୁସି କଟକ ଜିଲ୍ଲା ସମ୍ପାଦକ କମ୍ରେଡ ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ, ଅନ୍ୟତମ ବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଦେବାଶିଷ କାନୁନଗୋ,ଅବସରପ୍ରାପ୍ତ ଶିକ୍ଷକ ସହଦେବ ଦାସ, ଶିକ୍ଷକ ନିକୁଞ୍ଜ କୁମାର ସାହୁ , ଶିକ୍ଷକ ମଇଉଦ୍ଦିନ ହାରୁନ ଓ ସମାଜସେବୀ ପ୍ରଶାନ୍ତ ଦାସ ନେତାଜୀ ସୁଭାଷଙ୍କ ଜୀବନ ସଂଗ୍ରାମ ସଂପର୍କରେ ଆଲୋଚନା କରିଥିଲେ। କମ୍ରେଡ ପରମାନନ୍ଦ ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

କମ୍ରେଡ ସାଙ୍ଗ ମାଝୀ ଲାଲ୍ ସଲାମ

ଏକଦା ପାର୍ଟି ମୟୁରଭଞ୍ଜ ଜିଲ୍ଲା କମିଟି ସଭ୍ୟ କମ୍ରେଡ଼ ସାଙ୍ଗ ମାଝୀ ଗତ ଜାନୁଆରୀ ୧୪ ତାରିଖରେ ପରିଣତ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଗୋଟିଏ ସମୟରେ ଚାଷୀ ଓ ଶ୍ରମିକମାନଙ୍କ ଆନ୍ଦୋଳନରେ କମ୍ରେଡ଼ ମାଝୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲେ। ତାଙ୍କ ମୃତ୍ୟୁରେ ଏସୟୁସିଆଇ(କମ୍ୟୁନିଷ୍ଟ) ମୟୁରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

ନଳିନୀଙ୍କୁ ନ୍ୟାୟ ଦାବିରେ ଏଆଇଡିଏସଓ, ଏଆଇଡିୱାଇଓ ଏଆଇଏମଏସଏସ ପକ୍ଷରୁ ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ

ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ତୁଷ୍ଟାପାଲି ଗ୍ରାମର ନାବାଳିକା ନଳିନୀ ଛତ୍ରିଆଙ୍କୁ ଗତ ଜାନୁୟାରୀ ୨ ତାରିଖରେ ଶୌଚ ଯିବା ସମୟରେ ଗଣଦୁଷ୍କର୍ମ କରି ବିଷ ପିଆଇ ହତ୍ୟା କରାଯାଇଥିଲା । ହତ୍ୟାର ୨୨ଦିନ ବିତିଯାଇଥିଲେ ମଧ୍ୟ ଅପରାଧୀ ମାନଙ୍କୁ ଗିରଫ କରାଯାଇ ନାହିଁ। ଏହାର ପ୍ରତିବାଦରେ ଜାନୁଆରୀ ୨୪ତାରିଖରେ ଏଆଇଡିଏସଓ,ଏଆଇଡିୱାଇଓ ଏଆଇଏମଏସଏସ ପକ୍ଷରୁ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରିବା, ଘଟଣାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରି ଅପରାଧୀ ମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦେବା ଦାବିରେ ବଲାଙ୍ଗିର ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏସପି ଙ୍କ ଅନୁପସ୍ଥିତରେ ଅତିରିକ୍ତ ଏସପିଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା । ବିକ୍ଷୋଭ ସଭାରେ ଏଆଇଡିଏସଓ ରାଜ୍ୟ ଉପ ସଭାପତି କମ୍ରେଡ ସୁନିଲ ଭୋଇ, ଜିଲ୍ଲା ସମ୍ପାଦକ କମ୍ରେଡ ମଧୁସୁଦନ ବାଗ, ଗୌରୀ ରାଉତ, ସିନ୍ଧୁ ବନଗୁଳା, ଏଆଇଡିୱାଇଓ ଜିଲ୍ଲା ସମ୍ପାଦକ କମ୍ରେଡ ତାମସ କୁମାର ବେହେରା, ଏଆଇଏମଏସଏସ ବଲାଙ୍ଗୀର ଟାଉନ କମିଟିର ସମ୍ପାଦିକା ରିଙ୍କି ପଧାନ, ଉପସଭାନେତ୍ରୀ ବିଜୟା ନାଗ, ସୁପ୍ରଭା ନାଗ, ପ୍ରଭାସିନୀ ଭୋଇ ମାନସୀ ଭୋଇ, ନିମାଇ କୁମ୍ଭାରଙ୍କ ସମେତ ଶତାଧିକ ଛାତ୍ର, ଯୁବକ ମହିଳା ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ ।

ମନୋହରପୁରଠାରେ ସଭା

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ମନୋହରପୁରଠାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ସ୍ଥାନୀୟ ଗରିବ ଆଦିବାସୀ ଜନସାଧାରଣଙ୍କୁ ନେଇ ୧୨ଜାନୁଆରୀ ଦିନ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ଼ ଶଙ୍କର ଦାଶଗୁପ୍ତ ଯୋଗଦେଇ ବର୍ତ୍ତମାନ ଦେଶର ଜ୍ୱଳନ୍ତ ସାମାଜିକ ସମସ୍ୟା ଓ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ସ୍ଥାନୀୟ ଅଂଚଳରୁ ଶତାଧିକ ଲୋକ ଅଂଶଗ୍ରହଣ କରିଥିଲେ। କମ୍ରେଡ଼ ରାମକୃଷ୍ଣ ମୁଣ୍ଡୁରି ଓ କମ୍ରେଡ଼ ଚୈତନ୍ୟ ମାରାଣ୍ଡି ସଭା ପରିଚାଳନା କରିଥିଲେ। ଆସନ୍ତା ଫେବୁଆରୀ ୯ ତାରିଖରେ ସ୍ଥାନୀୟ ଅଂଚଳର କେତେକ ଜ୍ୱଳନ୍ତ ସମସ୍ୟାକୁ ନେଇ ଆନନ୍ଦପୁର ସବ-କଲେକ୍ଟର ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଉକ୍ତ ମିଟିଂ ରେ ସ୍ଥିର କରାଯାଇଛି।

ଅନୁଗୁଳଠାରେ ବ୍ୟାସକବି ଫକୀରମୋହନ ଜୟନ୍ତୀ ପାଳନ

ଓଡିଆ କଥା ସାହିତ୍ୟ ଓ ନବଜାଗରଣର ଅନ୍ୟତମ ପୁରୋଧା, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୨ତମ ଜୟନ୍ତୀ ଉପଲକ୍ଷେ ଏଆଇଡିଏସ୍‌ଓ ଅନୁଗୁଳ ଜିଲ୍ଲା କମିଟି ଉଦ୍ୟୋଗରେ ସହର ମଧ୍ୟସ୍ଥ ସାନ୍ଧ୍ୟ ମହାବିଦ୍ୟାଳୟ ଠାରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜିତ ହେବାସହ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ମହାବିଦ୍ୟାଳୟ , ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ସାଧାରଣଜ୍ଞାନ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଗଠନର ଜିଲ୍ଲା ସଭାପତି ପରମାନନ୍ଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏଆଇଡିଏସ୍‌ଓ ରାଜ୍ୟ ସଭାପତି କମ୍ରେଡ ସୋମନାଥ ବେହେରା ବକ୍ତବ୍ୟ ମାଧ୍ୟମରେ ଫକୀରମୋହନଙ୍କ କାଳଜୟୀ ସାହିତ୍ୟକୃତୀ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଏହି ସଭାରେ ଅଧ୍ୟାପକ ଡ.ଧନେଶ୍ୱର ସାହୁ, ଅଧ୍ୟାପକ ଶ୍ରୀ ପ୍ରଦୀପ କୁମାର ମାଝୀ, ଅଧ୍ୟାପକ ଶ୍ରୀ ଦିବାକର ସାହୁ, ଅଧ୍ୟାପକ ଶ୍ରୀ ପୁର୍ଣ୍ଣେନ୍ଦୁ ଭୂତିଆ, ଶିକ୍ଷକ ଶ୍ରୀ ଗୟାଧର ନାଏକ, ଶିକ୍ଷୟିତ୍ରୀ ଶ୍ରୀମତୀ ଦେବଯାନୀ ଦେହୁରୀ, ଅଧ୍ୟାପକ ଶ୍ରୀ ପ୍ରଦୀପ କୁମାର କର ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯିବା ପରେ ସଭା ଶେଷ ହୋଇଥିଲା। ଏଆଇଡିଏସ୍‌ଓ ଜିଲ୍ଲା ସମ୍ପାଦକ କମ୍ରେଡ ନାରାୟଣ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ସଂଗଠିକା କମ୍ରେଡ଼ ସରୋଜିନୀ ବେହେରା, ନିରୂପମା ନାୟକ, ଏଲିସା ଶୁଭଦର୍ଶିନୀ,ଅନୁପମା ନାଏକ, ସୌମ୍ୟକାନ୍ତ ପ୍ରଧାନ,ଶେଖ୍ ଶାହାରୁଖ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ରାଜ୍ୟବ୍ୟାପୀ ଏଆଇଡିଏସଓ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ

ଭାରତବର୍ଷର ସ୍ୱାଧୀନତା ସଂଗ୍ରାମର ଆପୋଷହୀନ ଧାରାର ବଳିଷ୍ଠତମ ଅଭିବ୍ୟକ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଏଆଇଡିଏସ୍‌ଓ ପକ୍ଷରୁ ସାରା ରାଜ୍ୟର ବିଭିନ୍ନ ଅଂଚଳରେ ଯଥାଯୋଗ୍ୟ ମର୍ଯ୍ୟାଦା ସହ ପାଳନ ହୋଇଯାଇଛି। ନେତାଜୀଙ୍କ ଜୀବନ ସଂଗ୍ରାମ ସମ୍ପର୍କରେ ବ୍ୟାପକ ଚର୍ଚ୍ଚା ଆଲୋଚନା କରିବା ଓ ତାଙ୍କ ଚରିତ୍ର ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ ଏଆଇଡିଏସଓ ପକ୍ଷରୁ ପ୍ରତିବର୍ଷ ନେତାଜୀ ଜୟନ୍ତୀ ପାଳନ କରାଯାଏ। ତାଙ୍କ ଚିନ୍ତା ଓ ଜୀବନ ସଂଗ୍ରାମକୁ ପ୍ରଚାର ପ୍ରସାର କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ବର୍ଷ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି।

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଠାରେ ନେତାଜୀଙ୍କ ବିରଳ ଫଟୋ ଏବଂ ଉଦ୍ଧୃତି ପ୍ରଦର୍ଶନୀ ସହ ଜନସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକା ଡଃ. ବିଧୁପ୍ରଭା ରଥ ଏବଂ ମୁଖ୍ୟବକ୍ତା ଭାବେ ଏଆଇଡିଏସଓ ରାଜ୍ୟ ସଭାପତି କମ୍ରେଡ ସୋମନାଥ ବେହେରା ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ସମ୍ପାଦକ କମ୍ରେଡ ନାରାୟଣ ସାହୁ, କମ୍ରେଡ ଶୁଭସ୍ମିତା ପାଣିଗ୍ରାହୀ ଓ କାମରାଜ ସାହୁ ବକ୍ତବ୍ୟ ରଖିଥିଲେ। ସଭା ପରିଚାଳନା କରିଥିଲେ ଜିଲ୍ଲା ସଭାପତି କମ୍ରେଡ ନିମାଇଁ ଚରଣ ସାହୁ।

ସେହି ଭଳି ଭଦ୍ରକ ଜିଲ୍ଲା ପକ୍ଷରୁ ସଂସ୍କୃତି ଭବନ ଠାରେ ନେତାଜୀ ଜୟନ୍ତୀ ସମାରୋହ ୨୦୨୪ ଅନୁଷ୍ଠିତ ହୋଇଯାଇଛି। କମ୍ରେଡ ଗୋବିନ୍ଦ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ତଥା ବିଶିଷ୍ଟ ବୁଦ୍ଧିଜିବୀ ଡ.ବ୍ରଜମୋହନ ମିଶ୍ର ମୁଖ୍ୟ ଅତିଥି, ବିଶିଷ୍ଟ ଚିତ୍ର ଶିଳ୍ପୀ ଶ୍ରୀ ରତିକାନ୍ତ ଦାଶ, ଅନ୍ୟତମ ଅତିଥି ଏଆଇଡିଏସଓ ର ରାଜ୍ୟ ସମ୍ପାଦକ କମ୍ରେଡ ସିଦ୍ଧାର୍ଥ ରଥ ମୁଖ୍ୟବକ୍ତା ଭାବେ ନିଜର ଅଭିଭାଷଣ ରଖିଥିଲେ। କମ୍ରେଡ ଜିତେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ମୁକୁନ୍ଦ ଚନ୍ଦ୍ର ମଲ୍ଲିକ ସାହାଯ୍ୟ କରିଥିଲେ ।

କଟକ ଜଲ୍ଲା କମଟ ପକ୍ଷରୁ ପୂବାହ୍ନରେ ସ୍ଥାନୀୟ କଲେଜ ଛକଠାରୁ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରାହାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରି ସେଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ ଅପରାହ୍ନରେ କଲେଜ ଛକଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ଷ୍ଟିଓ୍ୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଦେବାଶିଷ ଆଚାର୍ଯ୍ୟ ଏବଂ ମୁଖ୍ୟବକ୍ତା ଭାବେ ଏଆଇଡିଏସ୍‌ଓ ଓଡିଶା ରାଜ୍ୟ ପରିଷଦର ସଂପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ ଯୋଗ ଦେଇଥିଲେ। ଏଆଇଡିଏସ୍‌ଓର କଟକ ଜିଲ୍ଲା ସଭାପତି କମ୍ରଡ୍ ଇଶା ଧର ସଭାପତିତ୍ୱ କରିଥିଲେ। ସମ୍ପାଦକ କମ୍ରେଡ୍ ତରୁଣସେନ ନାୟକ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ।

ଭୁବନେଶ୍ୱର ସିଟି କମିଟି ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ୟୁନିଟ ୬ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ରାଜ୍ୟ ଅଫିସ ସମ୍ପାଦକ କମ୍ରେଡ ନସିମ ସରକାରଙ୍କ ସଭାପତିତ୍ୱରେ ଏକ ଜୟନ୍ତୀ ସମାରୋହ ସଭା ଅନୁଷ୍ଠିତ ହେଇଥିଲା । ଏଥିରେ ବିଜୁ ପଟ୍ଟନାୟକ କଲେଜର ପୂର୍ବତନ ଅଧ୍ୟକ୍ଷ ଡ଼ଃ କିଶୋର ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି, ଏଆଇଡିଏସ୍‌ଓର ସର୍ବଭାରତୀୟ କାର୍ଯ୍ୟକାରିଣୀ କମିଟିର ସଭ୍ୟ କମ୍ରେଡ ଗଣେଶ ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ସଂଗଠନର ଭୁବନେଶ୍ୱର ଉପସଭାପତି କମ୍ରେଡ ସପ୍ତର୍ଷିନୀ ରାଉଳ ପ୍ରାରମ୍ଭିକ ସୂଚନା ପ୍ରଦାନ ଏବଂ ସଂପାଦିକା କମ୍ରେଡ ସ୍ୱସ୍ତି ସଙ୍ଗୀତା ଦଳାଇ ଅତିଥିମାନଙ୍କୁ ସ୍ମୃତି ଫଳକ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୂପାଲି ଦିଗଲ, ସୁଚରିତା ଜେନା, ତପସ୍ୱିନି ପ୍ରିୟଦର୍ଶିନୀ, ଅର୍ପିତା ଦେହୁରୀ,

ସାର୍ଥକ ରଥ, ସୋନାଲି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହାୟତା କରିଥିଲେ।

କୋରାପୁଟ ଜିଲ୍ଲାର ବୈପାରିଗୁଡ଼ାର ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ଛକ ଠାରେ ଏକ ସଭା କୋରାପୁଟ ଜିଲ୍ଲା କମିଟି ପକ୍ଷରୁ ଅନୁଷ୍ଠିତ

ହୋଇଥିଲା । ନେତାଜୀଙ୍କ ବାର୍ତ୍ତା ପ୍ରଚାର କରି ବୈପାରିଗୁଡ଼ା ଅଂଚଳର ଶତାଧିକ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ସଭା ସ୍ଥଳରେ ପହଞ୍ଚିଥିଲା । ଉକ୍ତ ସଭାରେ ମୁଖ୍ୟବକ୍ତା ଭାବରେ ଏ.ଆଇ.ଡି.ଏସ.ଓ ରାଜ୍ୟ ଉପସଭାପତି କମ୍ରେଡ ଭାଗ୍ୟରବି ଦାସ ବକ୍ତବ୍ୟ ରଖିଥିଲେ । ଅନ୍ୟତମ ବକ୍ତା ଭାବରେ ଯୋଗ ଦେଇଥିଲେ ଏ.ଆଇ.ଡି.ଏସ.ଓ ର କୋରାପୁଟ ଜିଲ୍ଲା କମିଟି ସଭାପତି ସୁରଜିତ ସ୍ୱାଇଁ। ସଙ୍ଗଠନ ର ଜିଲ୍ଲା ସମ୍ପାଦକ କମ୍ରେଡ୍ ଜଗନ୍ନାଥ ହରିଜନ ସଭା ପରିଚାଳନା କରିଥିଲେ ।

ଖୋର୍ଦ୍ଧା ଏଆଇଡିଏସଓ ଲୋକାଲ କମିଟି ଉଦ୍ୟୋଗର ନୂଆଗାଁ ଗ୍ରାମରେ ବିଭିନ୍ନ ବିଭାଗରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଏବଂ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ

ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଡକୁମେଣ୍ଟାରୀ ଚଳଚିତ୍ର ନିର୍ମାତା ସମିତ ପଟ୍ଟନାୟକ, ଏଆଇଡିଏସଓର ରାଜ୍ୟ ସମ୍ପାଦକ କମ୍ରେଡ୍ ସିଦ୍ଧାର୍ଥ ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଖୋର୍ଦ୍ଧା ଜିଲ୍ଲାର ରାଇରଙ୍ଗ ଗ୍ରାମଠାରେ ମଧ୍ୟ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭା ରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ଏସୟୁସିଆଇ (କମ୍ୟୁନିଷ୍ଟ) ଲୋକାଲ କମିଟିର ସମ୍ପାଦକ ଅଶୋକ ସାହୁ ଯୋଗଦେଇଥିଲେ ଏବଂ ମୁଖ୍ୟବକ୍ତା ଭାବେ ଏଆଇଡିଏସଓ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ନସିମ୍ ସରକାର ଯୋଗ ଦେଇଥିଲେ ।

କେଉଁଝର ଜିଲ୍ଲାର ପ୍ରଭାସ ମଞ୍ଜରୀ ଆଇନ ମହାବିଦ୍ୟାଳୟ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟଅତିଥି ରୂପେ ପଦ୍ମପୁର ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ଦିପକ ଚାଉଡା ଏବଂ ମୁଖ୍ୟବକ୍ତା ରୂପେ ଏଆଇଡିଏସଓ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଶିବାନୀ ଶଙ୍କର ମିଶ୍ର ଯୋଗ ଦେଇଥିଲେ ।

ଗଜପତି ଜିଲ୍ଲାରେ କମ୍ରେଡ କିସାନ କୁମାର ସାହୁଙ୍କ ଉଦ୍ୟୋଗରେ ଏସକେସିଜି କଲେଜ, ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ଏବଂ

ପାରଳାଖେମୁଣ୍ଡିର ବିଭିନ୍ନ ମେସ୍ ମାନଙ୍କରେ, କନ୍ଧମାଳ ଜିଲ୍ଲାରେ କମ୍ରେଡ ପପୁନ ସାହୁଙ୍କ ଉଦ୍ୟୋଗରେ ସରକାରୀ ଆଇ ଟି ଆଇ କଲେଜ, ଆର୍ଯ୍ୟାନ କଲେଜ ଏବଂ ବିଭିନ୍ନ ମେସ୍ ରେ, ଢେଙ୍କାନାଳ ଜିଲ୍ଲାରେ କମ୍ରେଡ ବିନୋଦ ସେଠୀଙ୍କ ଉଦ୍ୟୋଗରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ସଭା ଅନୁଷ୍ଠିତ ହୋଇଥିଲା ।

ଏହା ସମେତ ଯାଜପୁର, ସୁନ୍ଦରଗଡ, ମୟୁରଭଞ୍ଜ ଆଦି ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ମାନଙ୍କରେ ଯଥାଯୋଗ୍ୟ ମର୍ଯ୍ୟାଦାର ସହ ନେତାଜୀ ଜୟନ୍ତୀ ପାଳନ କରାଯାଇଛି ।

ଆଜାଦ ୟୁଥ ଆସୋସିଏସନ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ ଚନ୍ଦନେଶ୍ୱର ଆଜାଦ ୟୁଥ ଆସୋସିଏସନ ଉଦ୍ୟୋଗରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟଦେଇ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ତର୍କ, ବକୃତା, ସଂଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରକଳା ପ୍ରଦର୍ଶନୀକୁ ଉଦଘାଟନ କରାଯିବାପରେ ବହୁ ଛାତ୍ର, ଶିକ୍ଷକ, ଆସୋସିଏସନର କର୍ମକର୍ତ୍ତା ନେତାଜୀଙ୍କ ମର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରତିଯୋଗିତା ପରେ ଆସୋସିଏସନର ଉପସଭାପତି ନିରାକାର ପାଣ୍ଡବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଅବସରପ୍ରାପ୍ତ ଅଧ୍ୟାପକ ଅଚିନ୍ତ କୁମାର ଦାସ ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ନେତାଜୀ ସ୍ମୃତି କମିଟି ଉଦ୍ୟୋଗରେ ନେତାଜୀ ଜୟନ୍ତୀ ପାଳିତ

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ନେତାଜୀ ସ୍ମୃତି କମିଟି, ଏନ୍‌ଟିପିସି, କଣିହାଁ ଉଦମ୍ୟରେ ଏନ୍‌ଟିପିସି ବାଇପାସ ଛକଠାରେ ୨୩ ଜାନୁୟାରୀ ୨୦୨୪ରେ ସମୂହ ମାଲ୍ୟାର୍ପଣ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କମିଟିର ଅନ୍ୟତମ ଯୁଗ୍ମ ଆବାହକ ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ, ଖମାରର ଅବସରପ୍ରାପ୍ତ ପ୍ରାଧ୍ୟାପିକା ସରୋଜିନୀ ଶତପଥୀ ଏବଂ ମୁଖ୍ୟବକ୍ତା ଭାବେ ଅନୁଗୋଳ ଜନ ଜୀବନ ସୁରକ୍ଷା କମିଟିର ଆବାହକ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନ ଯୋଗ ଦେଇଥିଲେ। ନେତାଜୀ ସୁଭାଷଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ମଧ୍ୟଦେଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ସଭାରେ କମିଟିର ଅନ୍ୟତମ ଆବାହକ ଟୁନା ନାଏକ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ।

ବିଜେପିର ଧର୍ଷଣ ହତ୍ୟାକାରୀମାନଙ୍କ ସପକ୍ଷରେ ଠିଆ ହେବା ନିନ୍ଦନୀୟ

ବିଲକିସ୍ ବାନୋଙ୍କର ଧର୍ଷଣକାରୀ ମାନଙ୍କ ଶାସ୍ତିର ମିଆଦ ପୂରଣ ହେବା ପୂର୍ବରୁ ଗୁଜୁରାଟ ବିଜେପି ସରକାର ସେମାନଙ୍କୁ ଜେଲରୁ ମୁକ୍ତ କରାଇଥିଲା। ଗତ ଜାନୁଆରୀ ୮ ତାରିଖ ଦିନ ସୁପ୍ରିମକୋର୍ଟ ଏହି ସିଦ୍ଧାନ୍ତକୁ ବାତିଲ କରିଦେଇଛନ୍ତି। ଗଣଧର୍ଷଣ ଏବଂ ଗଣହତ୍ୟା ଭଳି ଏକ ମାରାତ୍ମକ ଅପରାଧରେ ଦଣ୍ଡିତ ୧୧ଜଣ ଅପରାଧିଙ୍କୁ ରକ୍ଷା କରିବା ପାଇଁ ଗୁଜୁରାଟର ବିଜେପି ସରକାର ଏବଂ ପ୍ରଶାସନ କିଭଳି ଭାବେ ମିଥ୍ୟାଚାର, ଆଇନର ଅପବ୍ୟବହାର ଏବଂ ଅଦାଲତକୁ ପ୍ରତାରଣା କରିଛନ୍ତି ତାହା ଉଲ୍ଲେଖ କରି ବିଚାରପତିମାନେ ଏହାର ତୀବ୍ର ନିନ୍ଦା କରିଛନ୍ତି। ବାସ୍ତବରେ ସେଠାକାର ସରକାର ଏବଂ ପ୍ରଶାସନ ଅପରାଧିମାନଙ୍କ ସହିତ ମିଶି ଏହି ଅନୈତିକ କାମ କରିଥିବା କଥା ବିଚାରପତିମାନେ ମନ୍ତବ୍ୟ ଦେଇଛନ୍ତି।

ଗୁଜୁରାଟକୁ ନେଇ ବିଜେପିର ପ୍ରଚାରର ଅନ୍ତ ନାହିଁ। ଲଗାତର ୨୮ବର୍ଷ ଧରି କଥା କଥାରେ ଏହି ରାଜ୍ୟଟିକୁ ମଡେଲ ହିସାବରେ ସେମାନେ ତୋଳି ଧରିଛନ୍ତି। ସୁପ୍ରିମକୋର୍ଟର ରାୟ ଏବଂ ସରକାର ଓ ପ୍ରଶାସନରେ ଏଭଳି ଏକ ହୀନ ଷଡଯନ୍ତ୍ର ଘଟଣା ଲୋକଲୋଚନକୁ ଆସିବାପରେ ବିଜେପି ନେତାମାନଙ୍କର ମୁଣ୍ଡ ଲାଜରେ ତଳକୁ ହୋଇଯିବା କଥା। ସାଧାରଣ ଲୋକମାନେ ଭାବୁଥିଲେ, ନେତା ହିସାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ଗୁଜୁରାଟରେ ଦଳର ନେତା ଏବଂ ମନ୍ତ୍ରୀମାନଙ୍କୁ ଅନ୍ତତଃପକ୍ଷେ ଟିକେ ନିନ୍ଦା କରିବେ। ପ୍ରଧାନମନ୍ତ୍ରୀଙ୍କ ସହଯୋଗୀ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦୁଃଖ ପ୍ରକାଶ କରିବେ। କାରଣ ୨୦୨୨ ମସିହାରେ ଅପରାଧିମାନଙ୍କ ମୁକ୍ତିପାଇଁ ଏହି ବେଆଇନ ଏବଂ ଚରମ ଅନୈତିକ ସିଦ୍ଧାନ୍ତ ଉପରେ ତାଙ୍କରି ମନ୍ତ୍ରାଳୟ ମୋହର ମାରିଥିଲା।

କିନ୍ତୁ ଏସବୁ କିଛି ଘଟିଲା ନାହିଁ ବରଂ ସେମାନେ ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଯୋଧ୍ୟାରେ ରାମ ମନ୍ଦିର ଉଦ୍‌ଘାଟନ କରିବାପାଇଁ ବ୍ୟସ୍ତ ରହିଲେ। ସେ ଜଣାଇ ଦେଇଥିଲେ ଯେ ମନ୍ଦିର ଉଦ୍‌ଘାଟନ ଉପଲକ୍ଷେ ତାଙ୍କ ଭିତରେ 'ଦିବ୍ୟ ଚେତନା' ଜାଗ୍ରତ କରିବା ପାଇଁ ୧୧ଦିନ ଧରି ବିଭିନ୍ନ ଧର୍ମୀୟ ବ୍ରତ ଓ କଷ୍ଟସାଧ୍ୟ ନୀତି ନିୟମ ପାଳନ କରିବେ। ଉପବାସ, ଜପତପ ଭଳି କୃଚ୍ଛ ସାଧନାର ପାଲା କରିବେ। ସଂକଟରେ ଜର୍ଜରିତ ଦେଶର ଜନସାଧାରଣଙ୍କ ସାମନରେ 'ପରମ ଧାର୍ମିକ' ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଭଙ୍ଗୀରେ ଛବି ପ୍ରଚାର କରିବା ପାଇଁ ଭକ୍ତମାନେ ଅଣ୍ଟାଭିଡି ଓହ୍ଲାଇ ପଡିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ମହାଶୟ ଗୋଟିଏ ପ୍ରଶ୍ନର ଉତ୍ତର ଦେବେ କି? ଆଖି ସାମନାରେ ନିଜର ଶିଶୁ କନ୍ୟାର ବିଭତ୍ସ ହତ୍ୟା ଦେଖିଥିବା ଗଣଧର୍ଷିତା ବିଲକିସ ବାନୋଙ୍କୁ ନ୍ୟାୟ ପ୍ରଦାନରୁ ବଂଚିତ କରି ଜଘନ୍ୟ ଅପରାଧୀମାନଙ୍କୁ ଯେଉଁ ବିଜେପି ଦଳର ନେତାମାନେ ହୀନ ଭୋଟ ସ୍ୱାର୍ଥରେ ମୁକ୍ତ କରିବାର ଷଡଯନ୍ତ୍ରରେ ସଫଳ ହୋଇଥିଲେ। ସେସବୁ କଥା ଜାଣି ମଧ୍ୟ ଚୁପ ରହି ସେହି ଚରମ ଅପରାଧିମାନଙ୍କୁ ନିରବରେ ପ୍ରଶ୍ରୟ ଦେଇ ସେ କେଉଁ ସତତାର ପରିଚୟ ଦେଲେ? ଏହାଦ୍ୱାରା ଧର୍ମର କେଉଁ ନୀତି ପାଳନ କଲେ ପ୍ରଧାନମନ୍ତ୍ରୀ?

୨୦୦୨ ମସିହା ଗୁଜୁରାଟ ଦଙ୍ଗା ସମୟରେ ଉଗ୍ର ହିନ୍ଦୁତ୍ୱବାଦୀ ପିଶାଚମାନେ ପାଞ୍ଚମାସର ଅନ୍ତଃସତ୍ତା ଥିବା ବିଲକିସ ବାନୋଙ୍କୁ ଗଣଧର୍ଷଣ କରିଥିଲେ ଏବଂ ତାଙ୍କର ୩ବର୍ଷର ଶିଶୁ କନ୍ୟାକୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରିଥିଲେ। ଆଖି ସାମନାରେ ପରିବାରର ୧୪ଜଣ ସଦସ୍ୟଙ୍କୁ ହତ୍ୟା କରିବାର ଦେଖିଛନ୍ତି ବିଲକିସ। ଯେଉଁମାନଙ୍କ ମଧ୍ୟରେ ୮ଜଣ ଥିଲେ ନାବାଳକ। କୌଣସି ପ୍ରକାର ଜୀବନ ବଂଚାଇ ଦୀର୍ଘଦିନ ଧରି ପୋଲିସ ଏବଂ ଅଦାଲତରେ ସାହସର ସହିତ ଏକ ଅସାଧାରଣ ଲଢେଇ ଚଳାଇଯାଇଛନ୍ତି ବିଲକିସ ଏବଂ ତାଙ୍କ ସ୍ୱାମୀ। ତାଙ୍କ ସହିତ ଥିଲେ ତାଙ୍କର ଆଇନଜୀବୀ ଏବଂ କିଛି ଶୁଭବୁଦ୍ଧିଜୀବୀ ପ୍ରତିବାଦୀ ମଣିଷ। ନିରପେକ୍ଷ ତଦନ୍ତରେ ବାଧା ଉପୁଜିପାରେ ଅଥବା ସାକ୍ଷ ପ୍ରମାଣ ନଷ୍ଟ କରିଦିଆଯାଇପାରେ, ଏହା ବୁଝିପାରି ସୁପ୍ରିମକୋର୍ଟ ସେମାନଙ୍କ ଆବେଦନକୁ ବିଚାର କରି ଏହି ମାମଲା ୨୦୦୪ ମସିହାରେ ଗୁଜୁରାଟରୁ ମହାରାଷ୍ଟ୍ରକୁ ସ୍ଥାନାନ୍ତର କଲେ। ସେ ସମୟରେ ଗୁଜୁରାଟ ସରକାରରେ ଥିଲା ବିଜେପି ଏବଂ ମୁଖ୍ୟମନ୍ତ୍ରୀ ଥିଲେ ନରେନ୍ଦ୍ର ମୋଦି। ଅବଶେଷରେ କୋର୍ଟରେ ବହୁ ଲଢେଇ ପରେ ୨୦୦୮ ମସିହାରେ ସେହି ୧୧ଜଣ ଅପରାଧିଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ୨୦୨୨ ମସିହାର ପ୍ରଥମ ଦିଗରେ ସେମାନଙ୍କ ମଧ୍ୟରୁ ଜଣେ ଆସାମୀ କାରାମୁକ୍ତି ପାଇଁ ଆବେଦନ କରିଥିଲା। ସୁପ୍ରିମକୋର୍ଟ ଏ ବିଷୟରେ ସିଦ୍ଧାନ୍ତ ନେବାପାଇଁ ଗୁଜୁରାଟ ସରକାରଙ୍କୁ କହିଥିଲେ। ଆଗକୁ ଥିଲା ଗୁଜୁରାଟ ବିଧାନସଭା ନିର୍ବାଚନ। ଏହି ଅବସ୍ଥାରେ ଯେତେ ଅପରାଧ କଲେ ମଧ୍ୟ 'ହିନ୍ଦୁତ୍ୱପନ୍ଥୀମାନେ ନିରାପଦ'- ଏହି ବାର୍ତ୍ତା ମାଧ୍ୟମରେ ହିନ୍ଦୁ ଭୋଟ ପାଇବାପାଇଁ ରାଜ୍ୟର ବିଜେପି ସରକାର ସେହି ୧୧ଜଣ ଅପରାଧିଙ୍କୁ ଜେଲରୁ ମୁକ୍ତ କରିବା ପାଇଁ ସିଦ୍ଧାନ୍ତ ନେଲା। ଆଉ ଏହି ସିଦ୍ଧାନ୍ତକୁ ସମର୍ଥନ କଲା ଅମିତ ଶାହାଙ୍କର କେନ୍ଦ୍ରୀୟ ସ୍ୱରାଷ୍ଟ୍ର ମନ୍ତ୍ରାଳୟ। ୨୦୨୨ ମସିହା ଅଗଷ୍ଟ ୧୫ତାରିଖ ଦିନ ଗୁଜୁରାଟ ସରକାର ସେହି ଜଘନ୍ୟ ଅପରାଧିମାନଙ୍କୁ ଜେଲରୁ ମୁକ୍ତ କରିଦେଲେ। ଏହାପରେ ରାୟର ପୁନର୍ବିଚାର ପାଇଁ ସୁପ୍ରିମକୋର୍ଟରେ ଆବେଦନ ହେବାରୁ ପୁରା ବିଷୟଟିକୁ ନୂତନ ଭାବେ ବିବେଚନା କରାଯାଇ ସୁପ୍ରିମକୋର୍ଟ ଏହି ସିଦ୍ଧାନ୍ତ ନେଲେ ଯେ କ୍ଷମତାର ଅପବ୍ୟବହାର କରି ଗୁଜୁରାଟ ବିଜେପି ସରକାର ଦୋଷୀମାନଙ୍କର ଶାସ୍ତି କୋହଳ କରିଥିଲା। ମିଥ୍ୟା ତଥ୍ୟ ଦେଇ ଅଦାଲତ ସହିତ ପ୍ରତାରଣା କରିଥିଲା। ଏହି ଅବସ୍ଥାରେ କାରାମୁକ୍ତିର ସିଦ୍ଧାନ୍ତକୁ ସୁପ୍ରିମକୋର୍ଟ ବାତିଲ କରି ଦେଇଥିଲେ।

ଆପଣମାନଙ୍କର ମନେଥିବ ୨୦୨୨ ମସିହା ଅଗଷ୍ଟ ୧୫, ସ୍ୱାଧୀନତା ଦିବସରେ ଲାଲକିଲ୍ଲାରେ ଛିଡା ହୋଇ ନରେନ୍ଦ୍ର ମୋଦି ସେଦିନ 'ସ୍ୱାଧୀନତାର ଅମୃତ ମହୋତ୍ସବ'ରେ ନାରୀର ମର୍ଯ୍ୟାଦା ରକ୍ଷା କରିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ। ଅଥଚ ସେହି ଦିନ ହିଁ ତାଙ୍କ ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କ ସାହାଯ୍ୟ ନେଇ ଗୁଜୁରାଟରେ ତାଙ୍କରି ଦଳର ସରକାର ଧର୍ଷକ-ଗଣହତ୍ୟାକାରୀ ହିନ୍ଦୁତ୍ୱବାଦୀ ଅପରାଧିମାନଙ୍କୁ ମୁକ୍ତ କରିଦେଇଥିଲା। ଚରମ ନିର୍ଯ୍ୟାତନାର ଶୀକାର ଜଣେ ମହିଳାଙ୍କୁ ରକ୍ଷା କରିବା ପରିବର୍ତ୍ତେ ଜଘନ୍ୟ ଅପରାଧିମାନଙ୍କୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ଏବଂ ପ୍ରଶାସନ ଅଦମ୍ୟ ଉଦ୍ୟୋଗର ସହିତ ଆଗେଇ ଆସିବା, ଆଇନ ଭଙ୍ଗକରି ମିଥ୍ୟାଚାର କରି ଅପରାଧୀମାନଙ୍କୁ ମୁକ୍ତ କରି ଦେବା, ଏହାଠାରୁ ବଡ ଅଧର୍ମ ଆଉ କଣ ହୋଇପାରେ?

ଉଗ୍ର ହିନ୍ଦୁତ୍ୱବାଦୀ ଅପରାଧୀମାନଙ୍କୁ ଜେଲରୁ ମୁକ୍ତ କରି ବିଜେପିର ଘନିଷ୍ଠ ବିଶ୍ୱହିନ୍ଦୁ ପରିଷଦର ସଦସ୍ୟମାନେ ଯେତେବଳେ ସେମାନଙ୍କୁ ବେକରେ ଫୁଲମାଳ ପିନ୍ଧାଇ, ମିଠା ଖୁଆଇ ସ୍ୱାଗତ ଜଣାଇଥିଲେ, ସେତେବେଳେ ଚୁପଥିଲେ ପ୍ରଧାନମନ୍ତ୍ରୀ। ସେମାନଙ୍କ ଦଳ ବିଜେପିର ଜଣେ ବିଧାୟକ ଯେତେବେଳେ ଏହି ଅପରାଧିମାନଙ୍କୁ 'ସଂସ୍କାରୀ ବ୍ରାହ୍ମଣ' କହି ପ୍ରଶଂସା କରୁଥିଲେ ସେତେବେଳେ ମଧ୍ୟ ସେ ପ୍ରତିବାଦ କରିନାହାଁନ୍ତି। ଏଥର ମଧ୍ୟ ଯେତେବେଳେ ସୁପ୍ରିମକୋର୍ଟର ରାୟ ପ୍ରକାଶ ପରେ ସମଗ୍ର ଦେଶରେ ଆଲୋଡନ ସୃଷ୍ଟି ହୁଏ, ସେତେବେଳେ ବି ସେ ନିରବ। ମୁଖ୍ୟମନ୍ତ୍ରୀ ଥିବାବେଳେ ଯିଏ ଜଣେ ଧର୍ଷିତା ନାରୀର ସୁବିଚାର ପାଇବାର ବ୍ୟବସ୍ଥା କରିନାହାନ୍ତି, ଜଣେ ପ୍ରଧାନମନ୍ତ୍ରୀ ହୋଇ ମଧ୍ୟ ଯିଏ ପ୍ରକାରନ୍ତରେ ଅପରାଧୀମାନଙ୍କ ସପକ୍ଷରେ ଛିଡା ହୁଅନ୍ତି, ସେହି ଲୋକ ଆଜି ଉପବାସ, ଜପତପ କରି ଦେଶର ଜନଗଣଙ୍କ ନିକଟରେ ନିଜକୁ 'ପରମ ଧାର୍ମିକ' ବୋଲି ପ୍ରତିପନ୍ନ କରିବାକୁ ଚାହୁଁଛନ୍ତି। ଏହାଠାରୁ ବଡ ଅଧର୍ମ ଆଉ କ'ଣ ହୋଇପାରେ?

ଏହାସତ୍ତ୍ୱେ ଅନ୍ଧାର ଭିତରେ ଆଲୋକର ରେଖା ଦୃଶ୍ୟମାନ। ଭଣ୍ଡ ଧାର୍ମିକତାର ପ୍ରତାରଣାମୂଳକ ଭାଷଣର ବଡ ବଡ କଥା କହି ବେଶି ଲୋକଙ୍କୁ ଭୁଲେଇ ଦିଆଯାଇପାରିବ ନାହିଁ। ତେଣୁ ବିଲ୍‌କିସ୍ ବାନୋଙ୍କର ନ୍ୟାୟ ବିଚାର ପାଇବା ଲଢେଇରେ କାନ୍ଧରେ କାନ୍ଧ ମିଳାଇଛନ୍ତି ଏ ଦେଶର ହଜାର ହଜାର ମଣିଷ। ସୁପ୍ରିମକୋର୍ଟର ରାୟ ପରେ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ବିଲ୍‌କିସ। ଏହି ଶୁଭବୁଦ୍ଧି ହିଁ ଆଜି ଏହି ମିଥ୍ୟାଚାରୀ ପ୍ରତାରକମାନଙ୍କୁ ପ୍ରତିରୋଧ କରିବାର ପ୍ରଧାନ ହତିଆର। ଏହି ହତିଆରକୁ ଆହୁରି ଶାଣିତ କରି ଆହୁରି ସଂଗଠିତ ଏବଂ ଐକ୍ୟବଦ୍ଧ ଆନ୍ଦୋଳନ ଗଢିତୋଳିବା ହେଉଛି ଆଜି ସମୟର ଆହ୍ୱାନ।

★★★

ଭାରତର ଧନୀ-ଦରିଦ୍ର ମଧ୍ୟରେ ବୈଷମ୍ୟ ଦ୍ରୁତ ବୃଦ୍ଧି ପାଉଛି

ଭାରତର ଆର୍ଥିକ ଅଭିବୃଦ୍ଧିକୁ କେ-ଧରଣର ଅଭିବୃଦ୍ଧି ବୋଲି ପୁଞ୍ଜିବାଦୀ ଅର୍ଥନୀତିବିଦ୍‌ମାନେ ମତ ଦେଉଛନ୍ତି। ଇଂରାଜୀ କେ(K) ଅକ୍ଷର ଭଳି ଗୋଟିଏ ଶ୍ରେଣୀର ଲୋକ ଆର୍ଥିକ ଅଭିବୃଦ୍ଧିର ସମସ୍ତ ସୁଯୋଗକୁ ଆତ୍ମସାତକରି କ୍ରମାଗତ ଉପରକୁ ଉଠି ଚାଲିଛନ୍ତି। ଆଉ ଗୋଟିଏ ଶ୍ରେଣୀର ଲୋକ ଦାରିଦ୍ର୍ୟର ଗଭୀର ଅନ୍ଧକାରରେ ଅଧିକରୁ ଅଧିକ ନିମଜ୍ଜିତ ହେଉଛନ୍ତି। ସମାଜରେ ଧନୀ ଦରିଦ୍ର ମଧ୍ୟରେ ବୈଷମ୍ୟ ବୃଦ୍ଧି ପାଉଛି।

ସମଗ୍ର ବିଶ୍ୱରେ ପୁଞ୍ଜିବାଦୀ ଦେଶଗୁଡିକରେ ସମାନ ଚିତ୍ର ଦେଖିବାକୁ ମିଳୁଛି। ଡାଭୋସଠାରେ ସଂପ୍ରତି ଅନୁଷ୍ଠିତ ହୋଇଥିବା ୱାର୍ଲ୍ଡ ଇକୋନୋମିକ ଫୋରମ୍‌ର ବାର୍ଷିକ ସମ୍ମିଳନୀର ରିପୋର୍ଟରେ ସମଗ୍ର ବିଶ୍ୱର ଆର୍ଥିକ ପରିସ୍ଥିତିକୁ ନେଇ ଏଭଳି ଆଶଂକା ପ୍ରକାଶ ପାଇଛି। ଅର୍ଥାତ୍ ଆର୍ଥିକ ଅଭିବୃଦ୍ଧି ଘଟୁଛି ମାତ୍ର ସେହି ଅଭିବୃଦ୍ଧିର ସୁଫଳକୁ ମୁଷ୍ଟିମେୟ ଲୋକ ଭୋଗ କରୁଛନ୍ତି। ବଂଚିତ ହେଉଛନ୍ତି ସମାଜର ତଳସ୍ତରରେ ଥିବା ଲୋକମାନେ, ଯେଉଁମାନେ ଜନସଂଖ୍ୟାର ଗରିଷ୍ଠ ଅଂଶ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କର ଭକ୍ତ(ସମର୍ଥକ)ମାନେ ଦେଶର ଉନ୍ନତିର ଯେତେ ଢୋଲ ପିଟିଲେ ମଧ୍ୟ ଏହି ଭୟଙ୍କର ବୈଷମ୍ୟକୁ ଲୁଚାଇ ପାରୁନାହନ୍ତି। ଦେଶର ସିଂହଭାଗ ଜନସାଧାରଣଙ୍କର ଆର୍ଥିକ ଦୁର୍ଦ୍ଦଶାକୁ ଲୁଚାଇବା ପାଇଁ ସେମାନେ ଅକ୍ଷମ ହେଉଛନ୍ତି।

ସଂପ୍ରତି ପ୍ରକାଶିତ ହେଉଥିବା ଗୋଟିଏ ପରେ ଗୋଟିଏ ସମୀକ୍ଷା ମାର୍କ୍ସବାଦର ମୂଳ ବକ୍ତବ୍ୟକୁ ସତ୍ୟ ପ୍ରମାଣିତ କରୁଛି। ପୁଞ୍ଜିବାଦୀ ବ୍ୟବସ୍ଥାରେ ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କର ପରିଶ୍ରମର ଫଳ ଲୁଟ କରି ହିଁ ମୁଷ୍ଟିମେୟ ଲୋକଙ୍କର ସଂପଦର ପାହାଡ ସୃଷ୍ଟି ହୁଏ। ସେଥିପାଇଁ ଏହି ବ୍ୟବସ୍ଥାରେ ଦେଶର ସମସ୍ତ ଲୋକଙ୍କର ଉନ୍ନୟନର ଦାବି ଡାହା ମିଛ ଏବଂ ପ୍ରତାରଣା ବ୍ୟତୀତ ଅନ୍ୟକିଛି ନୁହେଁ। ଏହି ସମସ୍ତ ସମୀକ୍ଷାର ବିଶ୍ଳେଷଣ ଆମକୁ ଏହି ସତ୍ୟରେ ଉପନୀତ କରୁଛି ଯେ, ପୁଞ୍ଜିବାଦ ଦେଶର ସମସ୍ତ ଲୋକଙ୍କର ଉନ୍ନୟନ ଘଟାଇବାକୁ ବ୍ୟର୍ଥ। ଏହି କାରଣରୁହିଁ ସମାଜତନ୍ତ୍ରର ପ୍ରୟୋଜନୀୟତା ଅନୁଭୂତ ହୁଏ। ସମାଜତନ୍ତ୍ରର ସାର୍ବଜନୀନ ପ୍ରାସଙ୍ଗିକତା ପ୍ରମାଣିତ ହୁଏ। ଏହା ହେଉଛି ସେହି ସମାଜ ଯେଉଁଠି ଜଣଙ୍କର ପରିଶ୍ରମର ଫସଲ ଅନ୍ୟ ଜଣେ ଲୁଟ୍ କରି ପାରେ ନାହିଁ। ସମାଜବାଦୀ ବ୍ୟବସ୍ଥାରେ ଶ୍ରମଜୀବୀ ମଣିଷହିଁ ସମସ୍ତ ସଂପଦର ମାଲିକ। *(ସୂତ୍ର- ଆନନ୍ଦବଜାର ପତ୍ରିକା- ୧୮.୦୧.୨୦୨୪)*

ରାମ ମନ୍ଦିର : ଧର୍ମ ନୁହେଁ ଭୋଟ ହିଁ ମୂଳ ଉଦ୍ଦେଶ୍ୟ

ଅଯୋଧ୍ୟାରେ ରାମ ମନ୍ଦିର ଏବେ ସୁଦ୍ଧା ସଂପୂର୍ଣ୍ଣ ହୋଇନାହିଁ। ତା' ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଭଳି ଜଣେ ରାଜନୈତିକ ବ୍ୟକ୍ତିଙ୍କ ଦ୍ୱାରା ମନ୍ଦିର ଉଦ୍‌ଘାଟନକୁ ତୀବ୍ର ସମାଲୋଚନା କରିଛନ୍ତି ଦେଶର ୪ଜଣ ଶଙ୍କରାଚାର୍ଯ୍ୟ। ପୁରୀର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଉଦ୍‌ଘାଟନ ଉତ୍ସବକୁ ଯିବେ ନାହିଁ ବୋଲି ଗଣମାଧ୍ୟମକୁ ଜଣାଇ ଦେଇଛନ୍ତି। ତାଙ୍କର ସ୍ପଷ୍ଟ ବକ୍ତବ୍ୟ ଥିଲା, ଏଇ ଉତ୍ସବ ହେଉଛି ରାଜନୈତିକ ସ୍ୱାର୍ଥସିଦ୍ଧି ପାଇଁ। ସେ କହିଛନ୍ତି, ଯାହା ସନ୍ୟାସୀ ଓ ଧର୍ମଗୁରୁଙ୍କର କାର୍ଯ୍ୟଥିଲା ତାହା ବର୍ତ୍ତମାନ ପ୍ରଧାନମନ୍ତ୍ରୀ କରୁଛନ୍ତି। ସେ ଆହୁରି କହିଛନ୍ତି, 'ପ୍ରଧାନମନ୍ତ୍ରୀ ନିଜର ସୀମା ମଧ୍ୟରେ ରହି କାର୍ଯ୍ୟ କରିବା ଉଚିତ। ସଂବିଧାନସମ୍ମତ ବିଧି-ନିଷେଧ ପାଳନ କରିବାର ଦାୟିତ୍ୱ ହେଉଛି ପ୍ରଧାନମନ୍ତ୍ରୀଙ୍କର। ଏହି ଦାୟିତ୍ୱକୁ ଉପେକ୍ଷା କରି ନିଜର ପ୍ରଚାର ପାଇଁ ଏସବୁ କରିବା ଅନୁଚିତ। ସବୁ ବ୍ୟାପାରରେ ଆଧିପତ୍ୟ କରିବା ଓ ନେତୃତ୍ୱ ଦେବା ପ୍ରଧାନମନ୍ତ୍ରୀଙ୍କର କାମ ନୁହେଁ।' *(ଆନନ୍ଦ ବଜାର ପତ୍ରିକା- ୧୪ଜାନୁଆରୀ ୨୦୨୪)*

ଉତ୍ତରାଖଣ୍ଡର ଜ୍ୟୋତିଷପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ମଧ୍ୟ ଏହି ସ୍ୱରରେ ସ୍ୱର ମିଳାଇଛନ୍ତି। ତାଙ୍କର ବକ୍ତବ୍ୟ ହେଉଛି, ମନ୍ଦିର ଉଦ୍‌ଘାଟନର କୌଣସି ପରମ୍ପରା ଅନୁସରଣ କରାଯାଉନାହିଁ। ଭାରତର ରାଜନୈତିକ ନେତା ଓ ଧର୍ମୀୟ ନେତା ପୃଥକ ଥିଲେ। କିନ୍ତୁ ବର୍ତ୍ତମାନ ରାଜନୈତିକ ନେତାମାନେ ଧର୍ମୀୟ ନେତା ଭଳି ଆଚରଣ କରୁଛନ୍ତି। ଏହା ଐତିହ୍ୟ ବିରୋଧୀ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ସେ ଆହୁରି କହିଛନ୍ତି ଯେ ମନ୍ଦିର ସଂପୂର୍ଣ୍ଣ ନିର୍ମାଣ ପୂର୍ବରୁ ସେଥିରେ ଅଭିଷେକ ହୋଇ ପାରିବ ନାହିଁ।। ଏହା ମଧ୍ୟ ହିନ୍ଦୁ ଐତିହ୍ୟ ବିରୋଧି।

-(ଦି ଟେଲିଗ୍ରାଫ- ୧୩.୦୧.୨୦୨୪)

ଏଠାରେ ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ, ଗୋଟିଏ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଧର୍ମ ହେଉଛି ବ୍ୟକ୍ତିଗତ ବିଷୟ। ଏହାକୁ ରାଜନୈତିକ ବିଷୟ କରାଯିବା ଅନୁଚିତ। ଏପରି କଲେ ଏହା ଗୋଟିଏ ଦିଗରେ ଗଣତାନ୍ତ୍ରିକ ରାଷ୍ଟ୍ରର ଧର୍ମନିରପେକ୍ଷତାର ଘୋଷିତ ନୀତିକୁ ଲଙ୍ଘନ କରେ। ଅନ୍ୟଦିଗରେ ସାଂପ୍ରଦାୟିକ ବିଦ୍ୱେଷକୁ ପ୍ରୋତ୍ସାହିତ କରେ। ବିଜେପି ନେତା ତଥା

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

୫ ଟ୍ରିଲିୟନ ଡଲାର ଅର୍ଥନୀତିର ସ୍ୱପ୍ନ ଓ ବାସ୍ତବତା

ଦେଶର ଅର୍ଥନୀତିର ଅଭିବୃଦ୍ଧି ସଂପର୍କରେ ପ୍ରଧାନମନ୍ତ୍ରୀ ମୋଦି, ତାଙ୍କ ମନ୍ତ୍ରୀ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦବୀରେ ବସିଥିବା ଲୋକମାନଙ୍କର ଦାବି ଶୁଣିଲେ ଯେକେହି ଚକିତ ହେବେ। କିଏ ଯେ କେତେବେଳେ ଭାରତ କେତେ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଂଚିବ ବୋଲି କହୁଛି ସେକଥା ମନେରଖିବା ମୁସ୍କିଲ୍। ତେବେ ସେମାନଙ୍କର ଗୋଟିଏ ଉଦ୍ଦେଶ୍ୟ- କିଛି ଗୋଟାଏ ବଡ ହେଉଛି ବୋଲି ଦେଖାଇ ଲୋକଙ୍କୁ ଆକ୍‌ଚା କରିପକାଇବା। ତେବେ ଆସନ୍ତୁ ଦେଖିବା ଗୋଟିଏ ପରେ ଗୋଟିଏ ଦେଶର ଅର୍ଥନୀତି ସଂପର୍କରେ ଏହି ଧରଣର ପ୍ରଚାର ଚାଲିଥିଲାବେଳେ ଗତ ୧୦ବର୍ଷର ବିଜେପି ଶାସନରେ ସାଧାରଣ ଲୋକଙ୍କ ଆର୍ଥିକ ଅବସ୍ଥାର ଅସଲ ଚିତ୍ର କେମିତି ?

୧- ଗତ ୧୦ବର୍ଷ ମଧ୍ୟରେ ଗହମ ଦର ବଢିଛି ଶତକଡା ୫୩ଭାଗ, କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାର ଡାଲି ଦର ଶତକଡା ୫୬ଭାଗ, ଫଳ ଓ ପନିପରିବା ଦର ଶତକଡା ୪୩ଭାଗ, କ୍ଷୀର ଦର ଶତକଡା ୪୨ଭାଗ, ଅଣ୍ଡା ଦର ଶତକଡା ୪୫ଭାଗ, ଅଟା ଦର ଶତକଡା ୫୦ଭାଗ, ସୋରିଷ ତେଲ ଶତକଡା ୪୬ଭାଗ, ବାଦମ ତେଲ ଶତକଡା ୪୧ଭାଗ, ସୋୟାବିନ ତେଲ ଶତକଡା ୬୦ଭାଗ, ସୂର୍ଯ୍ୟମୂଖୀ ତେଲ ଶତକଡା ୪୧ଭାଗ, ପାମ ତେଲ ଶତକଡା ୪୯ ଓ ବନସ୍ପତିର ଦର ଶତକଡା ୭୦ଭାଗ ବୃଦ୍ଧି ପାଇଛି। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ କଥା ନକହିଲେ ଭଲ।

୨- ଦେଶର ୭୪କୋଟି ଲୋକ ପୁଷ୍ଟିହୀନତାର ଶୀକାର।

୩- ୨୦୧୬-୨୦୨୧ ମସିହା ମଧ୍ୟରେ ଦେଶର ସବୁଠାରୁ ତଳେଥିବା ଶତକଡା ୨୦ଭାଗ ଲୋକଙ୍କ ଆୟ ଶତକଡା ୨୦ଭାଗ ହ୍ରାସ ପାଇଥିଲାବେଳେ ସବୁଠାରୁ ଉଚ୍ଚରେ ଥିବା ଶତକଡା ୨୦ଭାଗ ଲୋକଙ୍କ ଆୟ ଶତକଡା ୨୦ଭାଗ ବୃଦ୍ଧି ପାଇଛି।

୪- ସାଧାରଣ ଲୋକଙ୍କର ସଂଚୟ, ବ୍ୟାପକ ହ୍ରାସ ପାଇଛି। ଏହାର କାରଣ ହେଉଛି ଗୋଟିଏ ଦିଗରେ ଲୋକଙ୍କ ଆୟ ହ୍ରାସ ପାଉଛି, ଅନ୍ୟ ଦିଗରେ ଦରଦାମ ବୃଦ୍ଧି ଯୋଗୁ ସଂଚୟ କରିବାଭଳି ଅର୍ଥ ଲୋକଙ୍କ ହାତରେ ରହୁନାହିଁ।

୫- ମୁଦ୍ରାସ୍ଫୀତିକୁ ହିସାବକୁ ନେଲେ ସଂଚୟ ଉପରେ ସାଧାରଣ ଲୋକଙ୍କୁ ମିଳୁଥିବା ବ୍ୟାଙ୍କ ସୁଧହାର ଶତକଡା ୬.୭ରୁ ହ୍ରାସ ପାଇଁ ୦.୨୩ରେ ପହଂଚିଛି।

୬- ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ରିପୋର୍ଟ ଅନୁଯାୟୀ ୨୦୨୭-୨୦୨୮ ମସିହା ସୁଦ୍ଧା ଦେଶର ମୋଟ ଋଣ ଦେଶର ଜିଡିପିର ଶତକଡା ୧୦୦ଭାଗରୁ ଅଧିକ ହେବ।

୭- ଗତ ୧୦ବର୍ଷ ମଧ୍ୟରେ ଜାତୀୟ ଋଣ ୫୫ଲକ୍ଷ କୋଟି ଟଙ୍କାରୁ ବୃଦ୍ଧିପାଇଁ ୨୦୫ଲକ୍ଷ କୋଟି ଟଙ୍କାରେ ପହଂଚିଛି।

୮- ପ୍ରଧାନମନ୍ତ୍ରୀ ମୋଦିଙ୍କ ଦାବି ଅନୁଯାୟୀ ଦେଶରେ କଳାଧନର ପ୍ରଚଳନ ହ୍ରାସ ପାଇଥିଲେ ଦେଶର ଟିକସ ଅନୁପାତରେ ଜିଡିପି ହାର ବୃଦ୍ଧିପାଇଥାନ୍ତା। ମାତ୍ର ଏହା ଗତ ଦଶବର୍ଷ ଧରି ଶତକଡା ୧୬-୧୭ ରହିଛି। ଜିଡିପିର ଶତକଡା ୫.୫ରୁ ୬ଶତାଂଶ ପ୍ରତ୍ୟକ୍ଷ କରରୁ ଆସୁଛି ମାତ୍ର କଳାଧନର ପ୍ରଚଳନ ହ୍ରାସ ପାଇଥିଲେ ଏହା ଶତକଡା ୧୨ଭାଗ ହୋଇଥାନ୍ତା।

୯- ପ୍ରତ୍ୟେକ ଦିନ ନୂଆ ନୂଆ ଦୁର୍ନୀତି ଘଟଣା ଲୋକଲୋଚନକୁ ଆସୁଛି। ଆୟୁଷ୍ମାନ ଭାରତ ଯୋଜନାରେ ଗୋଟିଏ ମାତ୍ର ମୋବାଇଲ ନମ୍ବର ସହିତ ଲକ୍ଷାଧିକ ହିତାଧିକାରୀ ଯୁକ୍ତ ରହିଥିବା ବିଷୟ ସିଏଜି ଦର୍ଶାଇଛି। ମାତ୍ର ଏହା ଉପରେ କୌଣସି ତଦନ୍ତ କରାଯାଇନାହିଁ। ଏହା ବ୍ୟତୀତ ସିଏଜି ବଡ ବଡ ହାଇୱେ ନିର୍ମାଣ ପାଇଁ ଖର୍ଚ୍ଚ ଦୁର୍ନୀତିପୂର୍ଣ୍ଣ ଉପାୟରେ ବୃଦ୍ଧି କରାଯାଇଥିବା ବିଷୟ ଏହାର ରିପୋର୍ଟରେ ଦର୍ଶାଇଛି। ନକଲି ଆଧାରକାର୍ଡ ଓ ଅନ୍ୟାନ୍ୟ ଧରଣର ନକଲି ପରିଚୟ ପତ୍ର କାରବାର ବ୍ୟାପକ ଆକାରରେ ଚାଲିଥିବା ବିଷୟ ଗଣମାଧ୍ୟମରେ ପ୍ରସାରିତ ହେଉଛି। ରାଫେଲ ଦୁର୍ନୀତିଠାରୁ ଆରମ୍ଭକରି ଆଦାନୀର କଳାକାରବାର କଥା ନ କହିବା ଭଲ।

୧୦- ସହରାଂଚଳ ଯୁବକ ଯୁବତୀମାନଙ୍କ ମଧ୍ୟରେ ବେକାରୀ ହାର ଶତକଡା ୧୭.୩ରେ ପହଂଚିଛି। ଗତ ୪୫ବର୍ଷ ମଧ୍ୟରେ ଦେଶରେ ବେକାରୀ ହାର ସର୍ବାଧିକ.

୧୧- ବିଶ୍ୱ କ୍ଷୁଧା ସୂଚନାଙ୍କରେ ପୃଥିବୀର ୧୨୫ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୧୧।

୧୨- ଧନୀ ଦରିଦ୍ରଙ୍କ ମଧ୍ୟରେ ପାର୍ଥକ୍ୟ ଦ୍ରୁତ ବୃଦ୍ଧି ପାଉଛି।

ରାଉରକେଲାଠାରେ ନେତାଜୀ ଜୟନ୍ତୀ ପାଳିତ

ସେକ୍ଟର ୧୬ ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ନେତାଜୀ କମିଟି ଦ୍ୱାରା ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। କମିଟିର ଉପ ସଭାପତି ଶ୍ରୀଯୁକ୍ତ ଗଗନ ବିହାରୀ ଧଳ ଏଥିରେ ସଭାପତିତ୍ୱ କରିଥିଲେ। ଡି ଏ ଭି ସ୍କୁଲର ଅଧ୍ୟକ୍ଷା ଶ୍ରୀମତୀ ଯଶବିନ୍ଦର କୌର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ଆଲୋକ ବେହେରା, ସହ ସମ୍ପାଦକ ଧୋବେଇ ବେହେରା, ସଂଗ୍ରାମ ପରିଡ଼ା ଙ୍କ ସମେତ ସ୍କୁଲର ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ। ଅଙ୍କିତା ବେହେରା ସଙ୍ଗୀତ ପରିବେଷଣ କରିଥିଲେ।

ଦେଶରେ ଶିକ୍ଷାର ଉଦ୍‌ବେଗଜନକ ଚିତ୍ର

ସଂପ୍ରତି 'ପ୍ରଥମ' ନାମକ ଏକ ବେସରକାରୀ ସଂସ୍ଥା ପକ୍ଷରୁ ଗତ ଦୁଇ ଦଶଂଧି ଧରି ସମଗ୍ର ଦେଶର ଶିକ୍ଷାର ସ୍ଥିତିକୁ ନେଇ ଏକ ବାର୍ଷିକ ରିପୋର୍ଟ ପ୍ରକାଶିତ ହୋଇଛି। ସୂଚନାଯୋଗ୍ୟ ଏହି ସଂଗଠନ ପକ୍ଷରୁ ଗତ ଦୁଇ ଦଶଂଧି ଧରି ପ୍ରତିବର୍ଷ ଏହି ଧରଣର ରିପୋର୍ଟ ପ୍ରକାଶ ପାଇ ଆସୁଛି। ସମଗ୍ର ଦେଶର ୨୬ଟି ରାଜ୍ୟର ୨୮ଟି ଜିଲ୍ଲାର ଗ୍ରାମାଂଚଳରେ ଥିବା ୧୪ରୁ ୧୮ବୟସ ଗୋଷ୍ଠୀର ପ୍ରାୟ ୩୫ହଜାରରୁ ଅଧିକ ସଂଖ୍ୟକ କିଶୋର କିଶୋରୀଙ୍କୁ ନେଇ ଏହି ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଓଡିଶାରୁ କେବଳ ସମ୍ବଲପୁର ଜିଲ୍ଲାକୁ ଏହି ସର୍ଭେରେ ସାମିଲ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ ଦେଶର ଗ୍ରାମାଂଚଳର ୧୪ରୁ ୧୮ବର୍ଷର ପ୍ରାୟ ୨୫ ପ୍ରତିଶତରୁ ଅଧିକ ପିଲା ନିଜ ମାତୃଭାଷାରେ ଦ୍ୱିତୀୟ ଶ୍ରେଣୀର ପାଠକୁ ଠିକ୍ ଭାବରେ ପଢି ପାରୁନାହାନ୍ତି। ଲେଖିପାରୁ ନଥିବା ପିଲାଙ୍କ ସଂଖ୍ୟା ଏହାର ଦୁଇଗୁଣ। ଏହା ବ୍ୟତୀତ ଏହି ବୟସ ଗୋଷ୍ଠିର ଶତକଡା ୫୦ଭାଗ ପିଲା ଅତ୍ୟନ୍ତ ସରଳ ଇଂରାଜୀ ବାକ୍ୟ ପଢି ପାରୁନାହାନ୍ତି। ଏହି ସର୍ଭେରେ ୫ଟି ମାନଦଣ୍ଡ ବ୍ୟବହାର କରାଯାଇଥିଲା। ସେଗୁଡିକ ହେଉଛି ପଢିବା, ଗଣନା କରିବା, ଲିଖିତ ନିର୍ଦ୍ଦେଶକୁ ବୁଝିପାରିବା, ସରଳ ଗାଣିତିକ ହିସାବ କରିବା ଓ ଡିଜିଟାଲ ସଚେତନତା। ଏହି ପରୀକ୍ଷାରୁ ଦେଖାଗଲା ଯେ ଶତକଡା ୬୦ଭାଗରୁ ଅଧିକ ପିଲା ତିନି ଅଙ୍କ ବିଶିଷ୍ଟ ସଂଖ୍ୟାର ହରଣଟିଏ ମଧ୍ୟ କରିପାରୁନାହାନ୍ତି। ଶତକଡା ୫୦ଭାଗ ପିଲା ସରଳ ଇଂରାଜୀ ବାକ୍ୟ ପଢିପାରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଶତକଡା ୬୦ଭାଗରୁ ଅଧିକ ପିଲା ଏହାର ଅର୍ଥ ବୁଝନ୍ତି ନାହିଁ। ଆହୁରି ଉଦ୍‌ବେଗଜନକ ହେଉଛି ଏହି ବୟସ ଗୋଷ୍ଠୀର ଶତକଡା ୪୦ଭାଗ ପିଲା ସ୍କେଲର ବ୍ୟବହାର କରିପାରନ୍ତି ନାହିଁ। କେବଳ ଶତକଡା ୧୦ଭାଗ ପିଲା ଋଣକିସ୍ତି ପରିମାଣ ହିସାବ କରିପାରନ୍ତି। ତେବେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ସରକାରୀ ସ୍କୁଲର ଛାତ୍ରଛାତ୍ରୀ। ଅର୍ଥାତ୍ ସରକାରୀ ସ୍କୁଲରେ ପାଠପଢିଥିବା ପ୍ରାୟ କୌଣସି ପିଲା ଏହି ଧରଣର ସରଳ ହିସାବ କରିବାପାଇଁ ସଂପୂର୍ଣ୍ଣ ଅକ୍ଷମ।

ବର୍ତ୍ତମାନ ଆସନ୍ତୁ ଦେଖିବା ଏହି ସର୍ଭେରେ ସାମିଲ କରାଯାଇଥିବା ଓଡିଶାର ଏକମାତ୍ର ଜିଲ୍ଲା ସମ୍ବଲପୁରର ଅବସ୍ଥା। ଏହି ଜିଲ୍ଲାର ୬୦ଟି ଗାଁର ୧୦୮୯ ପରିବାରର ୧୪ରୁ ୧୮ବର୍ଷ ବୟସର ୧୧୭୭ଜଣ କିଶୋର କିଶୋରୀଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଏହି ସର୍ଭେର ଫଳାଫଳ ସର୍ବଭାରତୀୟ ଚିତ୍ରଠାରୁ ଭିନ୍ନ ନୁହେଁ। ତେବେ ସମ୍ବଲପୁର ଜିଲ୍ଲାରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଜାତୀୟ ହାରରୁ ଶତକଡା ୧୦ଭାଗ ଅଧିକ। ସମ୍ବଲପୁର ଜିଲ୍ଲାର ଗ୍ରାମାଂଚଳର ଶତକଡା ୨୫ଭାଗ ପିଲା ଦ୍ୱିତୀୟ ଶ୍ରେଣୀର ପାଠ ପଢି ପାରୁନାହାନ୍ତି। ଗୋଟିଏ ତିନି ଅଙ୍କ ବିଶିଷ୍ଟ ସଂଖ୍ୟାକୁ ଏକ ଅଙ୍କ ବିଶିଷ୍ଟ ସଂଖ୍ୟାରେ ହରଣ କରିପାରୁଥିବା ପିଲାଙ୍କ ସଂଖ୍ୟା ମାତ୍ର ଶତକଡା ୪୦ଭାଗ। ପ୍ରାୟ ୫୦ଭାଗ ପିଲା ଅତ୍ୟନ୍ତ ସରଳ ଇଂରାଜୀ ପଢି ପାରୁନାହାନ୍ତି। ଶତକଡା ୬୦ଭାଗରୁ ଅଧିକ ପିଲା ସମୟର ଗଣନା କରିପାରୁ ନାହାନ୍ତି। ଶତକଡା ୫୦ଭାଗ ପିଲା ହିଁ ଓଜନକୁ ମିଶାଇ କହି ପାରୁଛନ୍ତି। ମାତ୍ର ଶତକଡା ୩୮ଭାଗ ପିଲା ସ୍କେଲ ସାହାଯ୍ୟରେ ଦୈର୍ଘ୍ୟ ମାପି ପାରନ୍ତି। 'ତିନୋଟି କ୍ଲୋରିନ ବଟିକାରେ ୧୫ଲିଟର ପାଣି ପରିଷ୍କାର କରି ହେଲେ, ୨୫ଲିଟର ପାଣି ପରିଷ୍କାର କରିବାକୁ କେତୋଟି କ୍ଲୋରିନ ବଟିକା ଆବଶ୍ୟକ ହେବ' ଭଳି ସରଳ ପ୍ରଶ୍ନର ଉତ୍ତର ମାତ୍ର ଶତକଡା ୪୦ଭାଗ ପିଲା ଦେବାକୁ ସକ୍ଷମ ହୋଇଥିଲେ। ମାତ୍ର ୩୬ଭାଗ ପିଲା ରିହାତି ହିସାବ କରିପାରୁଥିଲାବେଳେ ମାତ୍ର ଶତକଡା ୧୦ଭାଗ ପିଲା ଋଣକିସ୍ତିର ପରିମାଣ ହିସାବ କରିବାକୁ ସକ୍ଷମ ହୋଇଥିଲେ। ଏହା ସମ୍ବଲପୁର ଜିଲ୍ଲାର ସ୍ଥିତି ହୋଇଥିଲାବେଳେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାର ପରିସ୍ଥିତି ଯେ ଏହାଠାରୁ ଭିନ୍ନ ନୁହେଁ ସେକଥା କାହାରିକୁ ବୁଝାଇ କହିବାର ଆବଶ୍ୟକତା ନାହିଁ। ଏହି ରିପୋର୍ଟ ନିଶ୍ଚିତ ଭାବରେ ଅତ୍ୟନ୍ତ ଭୟଙ୍କର ଏବଂ ଆମ ଦେଶ ଓ ରାଜ୍ୟର ଶିକ୍ଷା କ୍ଷେତ୍ରରେ ସୃଷ୍ଟି ହୋଇଥିବା ଭୟାବହ ଅବସ୍ଥାର ସୂଚନା ବହନକାରୀ।

ତେବେ କଥା ଏତିକିରେ ସରିନାହିଁ। ପିଲାମାନଙ୍କ କ୍ଷେତ୍ରରେ ସାଧାରଣତଃ ୩ପ୍ରକାର ଶୈକ୍ଷିକ ଅକ୍ଷମତା ଦେଖାଦେଇଥାଏ। ସେଗୁଡିକ ହେଉଛି ପଢିବାରେ ଅକ୍ଷମତା(Dyslexia) ଲେଖିବାରେ ଅକ୍ଷମତା(Dysgraphia), ଗଣିତରେ ଅକ୍ଷମତା(Dyscalculia)। ତେବେ ଶିକ୍ଷା କ୍ଷେତ୍ରରେ ଦେଖାଦେଇଥିବା ଏହି ଧରଣର ପରିସ୍ଥିତି ପାଇଁ ଶିକ୍ଷାଦାନ ଅବସ୍ଥାର ଅଧୋଗତି ସହିତ ଏହି ପିଲାମାନଙ୍କ ଆର୍ଥିକ ଅବସ୍ଥାର ଘନିଷ୍ଠ ସଂପର୍କ ରହିଥାଇପାରେ ବୋଲି ଏହି ରିପୋର୍ଟ ସୂଚୀତ କରିଛି।

ଅନ୍ୟଗୋଟିଏ ସର୍ଭେ ଅନୁଯାୟୀ କ୍ରମାଗତ ଭାବରେ ଅପପୁଷ୍ଟିର ଶୀକାର ପିଲାମାନେ ଭାଷା ଶିକ୍ଷା, ଗଣିତ, ସାଧାରଣ ବିଜ୍ଞାନଠାରୁ ଆରମ୍ଭକରି ସାମଗ୍ରିକ ଭାବରେ ବୁଝିପାରିବାର କ୍ଷମତା (Congnitive ability) କ୍ଷେତ୍ରରେ ଦୁର୍ବଳ ହେବାର ଆଶଂକା ରହିଥାଏ। ସମଗ୍ର ବିଶ୍ୱର ଅପପୁଷ୍ଟିର ଶୀକାର ପିଲାମାନଙ୍କ ମଧ୍ୟରୁ ଭାରତରେ ଏକତୃତୀୟାଂଶ ବାସ କରୁଥିବାରୁ ଏହା ସେମାନଙ୍କର ଶିକ୍ଷାଗତ ଅକ୍ଷମତା କ୍ଷେତ୍ରରେ ପ୍ରତିଫଳିତ ହେବାର ଆଶଂକା ରହିଛି।

ଏହା ହେଉଛି ସମୁଦ୍ରରେ ବୁଡି ରହିଥିବା ବିଶାଳ ମହିରୁହର ଅଗ୍ରଭାଗ ମାତ୍ର। ଦେଶ ତଥା ଆମ ରାଜ୍ୟର ଶିକ୍ଷା ଓ ଆର୍ଥିକ କ୍ଷେତ୍ରରେ ସଂପୂର୍ଣ୍ଣ ଚିତ୍ର ଆହୁରି ମର୍ମାନ୍ତିକ। ମାତ୍ର ଏହି ଧରଣର ମୌଳିକ ଦିଗପ୍ରତି ଦୃଷ୍ଟି ନଦେଇ ସରକାର କେତେବେଳେ ଦେଶର ଅର୍ଥନୀତିକୁ ୫ଟ୍ରିଲିୟନ ଡଲାରରେ ପହଂଚାଇବାର ସ୍ୱପ୍ନ ଦେଖାଉଛନ୍ତି ତ ଆଉ କେତେବେଳେ ଦେଶ ଓ ରାଜ୍ୟକୁ ପୃଥିବୀର ଶିକ୍ଷା ହବ୍‌ରେ ପରିଣତ କରିବା ପାଇଁ ଢୋଲ ପିଟୁଛନ୍ତି। ବିଜେଡି ରାଜ୍ୟ ସରକାରଙ୍କଦ୍ୱାରା ଅତ୍ୟନ୍ତ ଦ୍ରୁତ ଲାଗୁ କରାଯାଉଥିବା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ନୂଆ ଶିକ୍ଷାନୀତି- ୨୦୨୦ରେ ଏହି ପରିସ୍ଥିତିର ମୁକାବିଲା ପାଇଁ କୌଣସି ପରିକଳ୍ପନା ମଧ୍ୟ ନାହିଁ।

ରାମ ମନ୍ଦିର .....

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାମମନ୍ଦିର ଉଦ୍‌ଘାଟନ କରି ସେହି କାର୍ଯ୍ୟ ହିଁ କରିଛନ୍ତି। ସ୍ୱାଭାବିକ ଭାବେ ତାଙ୍କର ଏହି କାର୍ଯ୍ୟକଳାପକୁ ସଚେତନ ମଣିଷ 'ରାଜନୈତିକ ହିନ୍ଦୁତ୍ୱ' ବୋଲି ଆଖ୍ୟା ଦେଇଛନ୍ତି। ଅର୍ଥାତ୍ ଅସଲ ଉଦ୍ଦେଶ୍ୟ ଧର୍ମ ନୁହେଁ ରାଜନୈତିକ ଉଦ୍ଦେଶ୍ୟ ପାଇଁ ରାମ ମନ୍ଦିର ନିର୍ମାଣ ଏବଂ ତା'ର ଅର୍ଦ୍ଧନିର୍ମିତ ମନ୍ଦିରର ଉଦ୍‌ଘାଟନ। ଅଥଚ ଜଣେ ପ୍ରଧାନମନ୍ତ୍ରୀଙ୍କର କାର୍ଯ୍ୟ ହେଉଛି ଦେଶର ନାଗରିକମାନଙ୍କର ବାସ୍ତବ ପ୍ରୟୋଜନ ଯଥା ଖାଦ୍ୟ-ବସ୍ତ୍ର-ବାସସ୍ଥାନ-ରୋଜଗାର ସମସ୍ୟାର ସମାଧାନ ପାଇଁ ନିରଳସ କାମ କରିଯିବା। କିନ୍ତୁ ଦେଶର ଜନତା ଲକ୍ଷ୍ୟ କରୁଛନ୍ତି, ଏହି କାମରେ ହିଁ ପ୍ରଧାନମନ୍ତ୍ରୀ ସବୁଠୁ ବେଶୀ ଅବହେଳା କରୁଛନ୍ତି। ସାଧାରଣ ଲୋକଙ୍କର ଦୁର୍ଦ୍ଦଶା କ୍ରମାଗତ ବଢିଚାଲିଛି। ସ୍ୱାଭାବିକଭାବେ ପ୍ରକୃତ ଧର୍ମପ୍ରାଣ ବ୍ୟକ୍ତିମାନଙ୍କୁ ଭାବିବାକୁ ହେବ ଯେ ପ୍ରଧାନମନ୍ତ୍ରୀଙ୍କ ଏହିଭଳି କାର୍ଯ୍ୟକୁ ସେମାନେ ଗ୍ରହଣ କରିବେ ନା ଏହାର ପ୍ରତିବାଦରେ ସ୍ୱର ଉତ୍ତୋଳନ କରିବେ।

Regd.No-ORI ORI/2011/37220 • VOL.NO. 11, ISSUE NO. 03 • ମୂଲ୍ୟ-୫ଟଙ୍କା

ନାରୀ ନିର୍ଯ୍ୟାତନା, ମାଦକ ଦ୍ରବ୍ୟ, ଅଶ୍ଳୀଳତା-ଅପସଂସ୍କୃତିର ପ୍ରସାର ଆଦି ବିରୁଦ୍ଧରେ ଏଆଇଏମ୍‌ଏସ୍‌ଏସ୍‌ର ୫ମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ

ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମ୍‌ଏସ୍‌ଏସ୍) ଓଡିଶା ରାଜ୍ୟ କମିଟି ଆନୁକୂଲ୍ୟରେ ୫ମ ସାରା ଓଡିଶା ମହିଳା ସମ୍ମିଳନୀ ଜାନୁଆରୀ ୨୮ ତାରିଖରେ ଅନୁଗୁଳ ଠାରେ ଉତ୍ସାହ ଉଦ୍ଦିପନା ସହକାରେ ଅନୁଷ୍ଠିତ ହୋଇଯାଇଛି । ନାରୀ ନିର୍ଯ୍ୟାତନା ବନ୍ଦ ଓ ନାରୀକୁ ନିରାପତ୍ତା, ମଦ-ଡ୍ରଗ୍ସ ଆଦି ସମ୍ପୂର୍ଣ୍ଣ ନିଷିଦ୍ଧ, ମୋବାଇଲ ଇଣ୍ଟରନେଟ୍ ସମେତ ସମସ୍ତ ଗଣ ମାଧ୍ୟମରେ ଅଶ୍ଳୀଳ-ନଗ୍ନ-ହିଂସା ପ୍ରଣୋଦିତ, ଯୌନୋଦ୍ଦିପକ କାର୍ଯ୍ୟକ୍ରମ ପ୍ରସାରଣ ସମ୍ପୂର୍ଣ୍ଣ ବନ୍ଦ, ଆଶା, ଅଙ୍ଗନୱାଡି, ପାଚିକା-ସହାୟିକା, ପରିଚାରିକା ମାନଙ୍କ ନ୍ୟାଯ୍ୟ ଦାବି ପୂରଣ, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦ ବାତିଲ, ଦରଦାମ୍ ବୃଦ୍ଧି ବନ୍ଦ ସହ ଅନୁଗୁଳ ମହିଳା ମହାବିଦ୍ୟାଳୟକୁ ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ଓ ନାରୀନେତ୍ରୀ ମାଳତୀ ଚୌଧୁରୀଙ୍କ ନାମରେ ନାମିତ କରିବା ଆଦି ଦାବିରେ ଏକ ସୁସଜ୍ଜିତ ବିଶାଳ ମହିଳା ପଟୁଆର ପୂର୍ବାହ୍ନ ୧୦ଟାରେ ଶିକ୍ଷକପଡାରୁ ବାହାରିଥିଲା । ଏହି ଶୋଭାଯାତ୍ରା ସହର ପରିକ୍ରମା କରି ସଭାଘରେ ପହଂଚି ବିପ୍ଳବିଣୀ ମାଳତୀ ଚୌଧୁରୀଙ୍କ ନାମରେ ନିର୍ମିତ ସଭାମଂଚରେ ଏକତ୍ରିତ ହୋଇଥିଲା । ପ୍ରଥମେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ମାନବତାବାଦୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟଦାନ କରାଯାଇଥିଲା । ଏହାପରେ ନାରୀ ମୁକ୍ତି ସମ୍ପର୍କିତ ମହାମନୀଷୀମାନଙ୍କ ଉଦ୍ଧୃତି, ଚିତ୍ରପଟ ଏବଂ ଆନ୍ଦୋଳନ ର ଫଟୋଚିତ୍ର ପ୍ରଦର୍ଶନୀ ଉଦ୍ଘାଟନ କରିଥିଲେ ଅବସରପ୍ରାପ୍ତ ଅଧ୍ୟାପିକା ଶ୍ରୀମତୀ ରମା ମଞ୍ଜରୀ ସାହୁ । ସଂଗଠନର ପତାକା ଉତ୍ତୋଳନ ଓ ଶହୀଦବେଦୀରେ ମାଲ୍ୟାର୍ପଣ ପରେ ବିଧିବଦ୍ଧ ଭାବେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସଂଗଠନର ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ବୀଣାପାଣି ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ୪ଜଣିଆ ସଭାପତି ମଣ୍ଡଳୀ ସମ୍ମିଳନୀ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ସମ୍ମିଳନୀରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର କେନ୍ଦ୍ରୀୟ କମିଟି ସଦସ୍ୟ ତଥା ରାଜ୍ୟ ସମ୍ପାଦକ କମ୍ରେଡ ଶଙ୍କର ଦାସଗୁପ୍ତ, ସଂଗଠନର ସର୍ବଭାରତୀୟ ସଭାନେତ୍ରୀ କେୟା ଦେ, ସାଧାରଣ ସମ୍ପାଦିକା ଛବି ମହାନ୍ତି ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ମହିଳାମାନଙ୍କ ଜୀବନର ସମସ୍ୟା ଓ ତାକୁ ଦୂର କରିବା ପାଇଁ ମହିଳା ସମାଜର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ଦେଶରେ ବେକାରୀ, ଛଟେଇ, ଦର ଓ ଟିକସ ବୃଦ୍ଧି, ଶିକ୍ଷା-ସ୍ୱାସ୍ଥ୍ୟ-ବିଜୁଳି ଆଦି କ୍ଷେତ୍ରରେ ସମସ୍ୟା ଉତ୍କଟ ହେଉଥିବା ବେଳେ ଏହିସବୁ ସମସ୍ୟା ବିରୁଦ୍ଧରେ ଗଢି ଉଠୁଥିବା ପ୍ରତିବାଦ ଓ ଅସନ୍ତୋଷରେ ଆତଙ୍କିତ ଶାସକ ପୁଞ୍ଜିପତି ଶ୍ରେଣୀ ଓ ସରକାରମାନେ ଜନସାଧାରଣ ଓ ବିଶେଷ ଭାବେ ଯୁବ ସମ୍ପ୍ରଦାୟକୁ ନୈତିକ ଭାବେ ପଙ୍ଗୁ କରିବା ପାଇଁ ମଦ ତଥା ବିଭିନ୍ନ ମାଦକ ଦ୍ରବ୍ୟର ପ୍ରସାର ଓ ଅଶ୍ଳୀଳତା, ଅପସଂସ୍କୃତିର ବ୍ୟାପକ ପ୍ରଚାର କରି ଚାଲିଛନ୍ତି ବୋଲି ବକ୍ତାମାନେ କହିଥିଲେ । ଇତିଶ୍ରୀ, ବବିନା, ମମିତା ମେହେର ଆଦିଙ୍କ ଲୋମହର୍ଷଣକାରୀ ଘଟଣା ଓ ବିଜେପି ଶାସିତ ରାଜ୍ୟର ଉନ୍ନାଓ, ହାଥରସ, ଉତ୍ତରାଖଣ୍ଡର ଅଙ୍କିତା ଭଣ୍ଡାରୀ, ଗୁଜୁରାଟର ବିଲକିସ୍ ବାନୋ ଆଦି ବର୍ବର ଘଟଣାସହ ସୁନାମଧନ୍ୟ କୁସ୍ତିବିତ୍ ମହିଳାଙ୍କୁ ବିଜେପି ଏମ୍.ପି. ବ୍ରିଜଭୂଷଣର ଯୌନଶୋଷଣ ଆଦି ଘଟଣାର ଅବତାରଣା କରି ଏହି ସମସ୍ତ ସରକାରମାନଙ୍କର ମହିଳାମାନଙ୍କ ପ୍ରତି ବାସ୍ତବ ଦୃଷ୍ଟିଭଙ୍ଗୀକୁ ଉନ୍ମୋଚିତ କରିବା ସହ ସାଧାରଣ ମହିଳାର ସ୍ଥିତି କେତେ ଯେ ବିପଦଜନକ ତାହା ଦର୍ଶାଇଥିଲେ ।

ଏହି ସମ୍ମିଳନୀର ମୁଖ୍ୟ ଚିଠା ପ୍ରସ୍ତାବ ଆଗତ କରିଥିଲେ କମ୍ରେଡ଼ ସରୋଜିନୀ ନାୟକ ଓ ସାଂଗଠନିକ ରିପୋର୍ଟ ଆଗତ କରିଥିଲେ କମ୍ରେଡ଼ ସ୍ୱୟଂପ୍ରଭା ନାୟକ । ବିଭିନ୍ନ ଜିଲ୍ଲା ପ୍ରତିନିଧିଙ୍କ ପ୍ରଦତ୍ତ ବକ୍ତବ୍ୟ, ମତାମତ ଓ ସମର୍ଥନରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଓ ରିପୋର୍ଟ ଗୃହୀତ ହୋଇଥିଲା । ସେଠାରେ ଅନୁଷ୍ଠିତ ପ୍ରଗତିଶୀଳ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ନାଟକ ଓ ସଙ୍ଗୀତ ପରିବେଷଣ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା । ସମ୍ମିଳନୀରେ କମ୍ରେଡ଼ ସ୍ୱୟଂପ୍ରଭା ନାୟକ ସଭାପତି ଓ କମ୍ରେଡ଼ ସରୋଜିନୀ ନାୟକ ସମ୍ପାଦିକା ଭାବରେ ନିର୍ବାଚିତ ହୋଇଥିଲେ । ଏହି ସମ୍ମିଳନୀରେ ଏକ ୧୭୧ଜଣିଆ ରାଜ୍ୟ କମିଟି ଗଠନ କରାଯାଇଥିଲା । ନୂତନ ରାଜ୍ୟ କମିଟି ଉଦ୍ୟୋଗରେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ବ୍ୟାପକ ନାରୀ ଆନ୍ଦୋଳନ ଗଢ଼ି ତୋଳିବା ଓ ଆସନ୍ତା ଜୁନ୍ ମାସରେ ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

★★★

ଭୁବନେଶ୍ୱରଠାରେ ନେତାଜୀ ଜୟନ୍ତୀ ପାଳନ

ଭାରତ ବର୍ଷର ସାମ୍ରାଜ୍ୟବାଦୀ ବ୍ରିଟିଶ ବିରୋଧି ସ୍ୱାଧୀନତା ଆନ୍ଦୋଳନର ଆପୋଷ ହୀନ ଧାରାର ମହାନ୍ ସଂଗ୍ରାମୀ ନେତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ ତମ ଜନ୍ମଜୟନ୍ତୀ ଉପଲକ୍ଷେ ଭୁବନେଶ୍ୱରର ରସୁଲଗଡ଼ ସ୍ଥିତ ପ୍ରତିମୂର୍ତ୍ତିରେ ଏଆଇଡିଓ୍ୱାଇଓ, ଏଆଇଏମ୍‌ଏସ୍‌ଏସ୍ ଏବଂ ଏଆଇୟୁଟିୟୁସି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ କମ୍ରେଡ ପୂର୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ,ସନ୍ତୋଷ ରଥ, ନିରଞ୍ଜନ ମହାନ୍ତି,

ବିଜୟ ଲକ୍ଷ୍ମୀ ପାତ୍ର, ନସୀମ ସରକାର ପ୍ରଭୃତି ଛାତ୍ରଛାତ୍ରୀ, ଯୁବକ, ଶ୍ରମିକ, କର୍ମଚାରୀ, ଶିକ୍ଷକ, ମହିଳା ନେତୃବୃନ୍ଦ ଯୋଗ ଦେଇଥିଲେ ।

ନେତାଜୀ ସୁଭାଷ ଜୟନ୍ତୀ କମିଟି ପକ୍ଷରୁ ମାଲ୍ୟାର୍ପଣ

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ ଉପଲକ୍ଷେ ନେତାଜୀ ସୁଭାଷ ଜୟନ୍ତୀ କମିଟି ପକ୍ଷରୁ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ କମିଟିର ଜିଲ୍ଲା ସଭାପତି ଡକ୍ଟର ଦେବାଶିଷ ଆଚାର୍ଯ୍ୟ, ସଂପାଦକ ବବି ବଳବନ୍ତରାୟଙ୍କ ସମେତ ଶିକ୍ଷାବିତ୍ ବିଦ୍ୟୁତ୍ କୁମାରୀ ଲାଲା, ରଞ୍ଜନ କୁମାର ଲେଙ୍କା, ସାମାଜିକ କର୍ମୀ ଡଲି ଦାଶ, ଶର୍ମିଷ୍ଠା ନାଥ, ମଞ୍ଜୁଲତା ଜେନା, ସାହିତ୍ୟିକ

ଅକ୍ଷୟ ରାଉଳ, ଚିତ୍ରଶିଳ୍ପୀ ସୁଭ୍ରା ରାୟ, କମିଟିର କୋଷାଧକ୍ଷ ବିନୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

କମ୍ରେଡ଼ ବିଶ୍ୱାସ ହେମ୍ବ୍ରମ ଲାଲ ସଲାମ

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସୁନ୍ଦରଗଡ ଜିଲ୍ଲାର ରାଜଗାଙ୍ଗପୁର ଆଂଚଳିକ କମିଟିର ବରିଷ୍ଠ ସଦସ୍ୟ କମ୍ରେଡ଼ ବିଶ୍ୱାସ ହେମ୍ବ୍ରମ ଗତ ଡିସେମ୍ବର ୨୧ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଦୀର୍ଘଦିନଧରି ସେ ପକ୍ଷାଘାତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ବେଳକୁ ତାଙ୍କର ବୟସ ୭୨ ବର୍ଷ ହୋଇଥିଲା । କମ୍ରେଡ଼ ବିଶ୍ୱାସ ହେମ୍ବ୍ରମ ରାଜଗାଙ୍ଗପୁର ସ୍ଥିତ ହରି ମେସିନ କାରଖାନାରେ ଜଣେ କୁଶଳୀ ଓ ନିୟମିତ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ରାଜଗାଙ୍ଗପୁର ସମେତ ସୁନ୍ଦରଗଡ ଜିଲ୍ଲାରେ ଏଆଇୟୁଟିୟୁସି ନେତୃତ୍ୱରେ ଚାଲିଥିବା ଶ୍ରମିକ ଆନ୍ଦୋଳନରେ ପ୍ରଭାବିତ ହୋଇ ସଂଗଠନରେ ଯୋଗଦେଇଥିଲେ । ପରେ ଏସ୍‌ୟୁସିଆଇ(ସି)ର ଆଦର୍ଶରେ ଅନୁପ୍ରାଣିତ ହୋଇ ପାର୍ଟିର କର୍ମୀ ଓ ରାଜଗାଙ୍ଗପୁର ଆଞ୍ଚଳିକ କମିଟିର ଆବେଦନକାରୀ ସଦସ୍ୟରୁ ସଦସ୍ୟ ହୋଇଥିଲେ । ସେ ଜୀବନର ଶେଷଦିନ ପର୍ଯ୍ୟନ୍ତ ପାର୍ଟିରେ ରହିଥିଲେ । କମ୍ରେଡ଼ ହେମ୍ବ୍ରମ ସୁସ୍ଥ ଥିବାପର୍ଯ୍ୟନ୍ତ ପାର୍ଟି ଓ ଗଣସଙ୍ଗଠନର ସମସ୍ତ କାର୍ଯ୍ୟକ୍ରମରେ ନିୟମିତ ଅଂଶଗ୍ରହଣ କରୁଥିଲେ । ସେ ଏକଦା ଚାଷୀ ସଂଗଠନ ଏଆଇକେକେଏମ୍‌ଏସ୍‌ର ରାଜଗାଙ୍ଗପୁର ବ୍ଲକ ସଭାପତି ମଧ୍ୟ ଥିଲେ ।

ତାଙ୍କ ମୃତ୍ୟୁରେ ଏସ୍‌ୟୁସିଆଇ(ସି) ରାଜଗାଙ୍ଗପୁର ଆଂଚଳିକ କମିଟି ତରଫରୁ ଡିସେମ୍ବର ୩୦ ତାରିଖରେ କମ୍ରେଡ଼ ଜଷ୍ଟିନ ଲୁଗୁନଙ୍କ ସଭାପତିତ୍ୱରେ ରାଜଗାଙ୍ଗପୁର ରାଣୀବନ୍ଧ ଠାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା କମ୍ରେଡ଼ ଛବି ମହାନ୍ତି ଯୋଗଦେଇ ପ୍ରୟାତ କମ୍ରେଡ଼ ବିଶ୍ୱାସ ହେମ୍ବ୍ରମଙ୍କ ପ୍ରତି ବିପ୍ଳବୀ ଶ୍ରଦ୍ଧା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କମିଟି ସମ୍ପାଦକ ଅଜିତ ନାୟକ, ଏଆଇକେକେଏମ୍‌ଏସ୍‌ର କିନୁ ଲୋହାର, ରାଜଗାଙ୍ଗପୁର ଆଂଚଳିକ କମିଟି ସମ୍ପାଦକ ଲେନିନ ଟେଟେ, ଏଆଇଏମ୍‌ଏସ୍‌ଏସ୍ ଜିଲ୍ଲା ସଭାନେତ୍ରୀ ଲିଓନି ତିର୍କୀ, ଜିଲ୍ଲା କମିଟି ସଦସ୍ୟ ଆଲୋକ ବେହେରା, ସୁବାସ ଦଣ୍ଡପାଟ, ଅନିଲ କୁଜୁର, ଅଶୋକ କମାର ପ୍ରମୁଖଙ୍କ ସମେତ ସ୍ଥାନୀୟ ବହୁ

କମ୍ରେଡ଼ ଓ ଜନସାଧାରଣ ଯୋଗଦେଇ ପ୍ରୟାତ କମ୍ରେଡ଼ ବିଶ୍ୱାସ ହେମ୍ବ୍ରମଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ବିପ୍ଳବୀ ଶ୍ରଦ୍ଧା ଜଣାଇଥିଲେ ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das